## ସଂକ୍ଷେପରେ

### ୩୫୨.୮୦ ଗ୍ରାମ୍ ବ୍ରାଉନସୁଗାର ଜବତ: ଅଭିଯୁକ୍ତ ଦମ୍ପତି ଗିରଫ

**ଜଗତ୍‌ସିଂହପୁର ଅଫିସ,୨୬।୧୦:** ଜଗତ୍‌ସିଂହପୁର ଥାନା ଅନ୍ତର୍ଗତ ଗୋପାଳସାଗର ଅଞ୍ଚଳରୁ ଏକ ଦମ୍ପତିଙ୍କ ପାଖରୁ ସୋମବାର ୩୫୨.୮୦ ଗ୍ରାମ ବ୍ରାଉନସୁଗାର ଓ ନଗଦ ୨୫ ହଜାର ଟଙ୍କା ଜବତ କରାଯାଇଛି। ସେମାନେ ହେଲେ ଉକ୍ତ ଅଞ୍ଚଳର ଅଶୋକ ମଲ୍ଲିକ ଓରଫ କୁନା (୩୪) ଓ ତାଙ୍କ ସ୍ତ୍ରୀ ଝୁନା ମଲ୍ଲିକ (୨୯) । ଏନେଇ ଥାନାରେ ମାମଲା (ନଂ. ୫୫୫/୨୧)ରୁଜୁ ହୋଇଛି। ଜିଲାରେ ବ୍ରାଉନସୁଗାର ର୍‍ୟାକେଟ୍ ସକ୍ରିୟ ରହିଛି। ଅଧିକାଂଶ ଦିନ ବିଭିନ୍ନ ଥାନା ଅଞ୍ଚଳରୁ ଏହା ଜବତ କରାଯାଉଛି। ଜିଲାରେ ଅଖିଳେଶ୍ୱର ସିଂହ ଏସ୍‌ପି ଭାବେ ଯୋଗଦେବା ପରଠାରୁ ବ୍ରାଉନସୁଗାର ଚୋରା ଚାଲାଣ ରୋକିବା ପାଇଁ ଗୁରୁତ୍ୱ ଦେଉଥିବାରୁ ବିଭିନ୍ନ ସ୍ଥାନରେ ଜୋରଦାର ଚଢ଼ାଉ କରାଯାଉଛି। ଏହାସତ୍ତ୍ୱେ ଜିଲାରେ ଏପର୍ଯ୍ୟନ୍ତ ଏହି କାରବାର ନିୟନ୍ତ୍ରଣକୁ ଆସିପାରିନାହିଁ।

### ଟ୍ରାକ୍ଟର ଧକ୍କାରେ ଯୁବକ ମୃତ

**ତିର୍ତ୍ତୋଲ,୨୬।୧୦(ଡି.ଏନ.ଏ.):** ତିର୍ତ୍ତୋଲ ଥାନା ଅଧୀନ ଗୋପାଳପୁର (ଶ) ପଞ୍ଚାୟତ ଶଙ୍ଖେଶ୍ୱର ଲକ୍ଷ୍ମୀ ନାରାୟଣ ହାଟରେ ଏକ ଟ୍ରାକ୍ଟର ଧକ୍କାରେ ସୋମବାର ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଏହି ଥାନା ଅନ୍ତର୍ଗତ ବଡ଼ଜିଙ୍ଗଲ ଗ୍ରାମର ନୃସିଂହ ଚରଣ ଦାସ (୪୨)। ସେ ଲକ୍ଷ୍ମୀ ନାରାୟଣ ହାଟ ନିକଟରେ ଚାଲିଚାଲି ଯାଉଥିବା ବେଳେ ଏକ ଟ୍ରାକ୍ଟର (ଓଡି-୨୧ଏନ୍-୨୪୫୪) ତାଙ୍କ ଉପରେ ଚଢ଼ି ଯାଇଥିଲା। ଗୁରୁତର ଅବସ୍ଥାରେ ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ମଣିଜଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ନୃସିଂହଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଏନେଇ ଥାନାରେ ମୃତକଙ୍କ ସମ୍ପର୍କୀୟ ସନ୍ତୋଷ ଦାସଙ୍କ ଅଭିଯୋଗ କ୍ରମେ ମାମଲା (ନଂ.୪୬୫/୨୧)ରୁଜୁ ହୋଇଛି।

### ମଣିଷ ଆଖିରେ ଲୁହ ଉନ୍ମୋଚିତ



**ଆଳି,୨୬।୧୦(ଡି.ଏନ.ଏ.):** ଆଳି ଅଞ୍ଚଳର କବି ଧନେଶ୍ୱର ରାଉତଙ୍କ ସ୍ୱରଚିତ 'ମଣିଷ ଆଖିରେ ଲୁହ' ପୁସ୍ତକ ଉନ୍ମୋଚିତ ହୋଇଯାଇଛି। ସୋମବାର ବାଲକାଟି ପଞ୍ଚାୟତର ଖଣ୍ଡାୟତ ପାଟଣା ପ୍ରକଳ୍ପ ବିଦ୍ୟାଳୟ ପରିସରରେ ଲକ୍ଷ୍ମୀବରାହ ସାଂସ୍କୃତିକ ମଞ୍ଚ ପକ୍ଷରୁ ଆୟୋଜିତ ଉତ୍ସବରେ ଶିକ୍ଷାବିତ୍ ମହେଶ୍ୱର ନନ୍ଦ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥିଭାବେ ଆଳି ରାଜା ବ୍ରଜକେଶରୀ ଦେବ ଯୋଗଦେଇଥିଲେ। ମୁଖ୍ୟବକ୍ତା ଭାବେ ଅଖିଳ ଚକ୍ରର ସମ୍ପାଦକ ହରେକୃଷ୍ଣ ପଣ୍ଡା, ସମ୍ମାନିତ ଅତିଥି ଭାବେ କେନ୍ଦ୍ରାପଡ଼ା ସାହିତ୍ୟ ସଂସଦର ସଭାପତି ବାସୁଦେବ ଦାସ, ଶିକ୍ଷାବିତ୍ ପ୍ରମୋଦ ମଲିକ ପ୍ରମୁଖ ଯୋଗଦେଇ ପୁସ୍ତକକୁ ଉନ୍ମୋଚନ କରିଥିଲେ। ଉତ୍ସବରେ ଅଞ୍ଚଳର ଶିକ୍ଷାବିତ୍, କଳାକାରମାନେ ଉପସ୍ଥିତ ଥିଲେ।

### ମଦ ଚୋରାଚାଲାଣ: ୨ ଗିରଫ

**ବାଲିକୁଦା,୨୬।୧୦(ସ୍ୱ.ପ୍ର.):** ବାଲିକୁଦା ପୋଲିସ ସ୍ଥାନୀୟ ବସଷ୍ଟାଣ୍ଡରୁ ୪୫ ପେଟି ବିଦେଶୀ ମଦ ସହ ଏକ ବୋଲେରୋ ଜବତ କରିଛି। ଏହି ଅଭିଯୋଗରେ ୨ ଜଣଙ୍କୁ ଗିରଫ କରାଯାଇ ମଙ୍ଗଳବାର କୋର୍ଟ ଚାଲାଣ କରାଯାଇଛି। ସେମାନେ ହେଲେ ବାଲିକୁଦା ଥାନା ଗଇଠିପୁର ଗାଁର ମନୋଜ ମଲ୍ଲିକ ଓ ନାଉଗାଁ ଥାନା ଅଧୀନ ଜାମୁଗାଁର ଆଦର୍ଶ ରାଉତ। ଏହି ମଦ ବାଲିକୁଦାରୁ ନାଉଗାଁ ଅଞ୍ଚଳକୁ ଚୋରା ଚାଲାଣ ହେଉଥିଲା।

### ଛାତ୍ର ବିଜେଡି ପକ୍ଷରୁ ରକ୍ତଦାନ ଶିବିର

**ଧର୍ମଶାଳା,୨୬।୧୦(ଡି.ଏନ୍.ଏ.):** ଓଡ଼ିଶା ମୋ ପରିବାର ଏବଂ ଜୀବନ ବିନ୍ଦୁର ମିଳିତ ସହଯୋଗରେ ଛାତ୍ର ବିଜେଡି ପକ୍ଷରୁ ଧର୍ମଶାଳା ନିର୍ବାଚନ ମଣ୍ଡଳୀର ଜୋନ୍ ୧୪ ଏବଂ ଜୋନ୍୧୫ରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା । ଛାତ୍ର ବିଜେଡି ସଭାପତି ଜଗଦାନନ୍ଦ ରାଉତଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଶିବିରକୁ ବିଧାୟକ ପ୍ରଣବ କୁମାର ବଳବନ୍ତରାୟ ଉଦ୍‌ଘାଟନ କରି ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ । ଏହି ରକ୍ତଦାନ ଶିବିରରେ ୩୦ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା । କାର୍ଯ୍ୟକ୍ରମରେ ଜିଲା ବିଜେଡି ମହାସଚିବ ଡା. ପ୍ରିୟନାଥ ମହାପାତ୍ର, ଧର୍ମଶାଳା ନିର୍ବାଚନ ମଣ୍ଡଳୀ ସଭାପତି ଜଳଧର ସାହୁ, ଜିଲା ଛାତ୍ର ବିଜେଡି ସଭାପତି ସୌମ୍ୟପ୍ରକାଶ ବିଶ୍ୱାଳ, ବିଧାୟକଙ୍କ ପ୍ରତିନିଧି ନିର୍ମଳ ପ୍ରଧାନ, ପ୍ରସନ୍ନ ରାଉତ, ଜିଲା ପରିଷଦ ମମତା ଦଣ୍ଡପାଟ, ସୁଦାମ ବେହେରା, ସୁଦୀପ୍ତ ସ୍ୱାଇଁ, ବ୍ଲକ ମହିଳା ବିଜେଡି ସଭାନେତ୍ରୀ ବିଶ୍ୱବନ୍ଦନା ଜେନା ପ୍ରମୁଖ ରକ୍ତଦାନ ଶିବିରରେ ସହଯୋଗ କରିଥିଲେ ।

# ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ସଂଶୋଧନ ସଂରକ୍ଷଣ ଚିଠା

**କେନ୍ଦ୍ରାପଡ଼ା ଅଫିସ, ୨୬।୧୦**

- ଆଶାୟୀ ପ୍ରାର୍ଥୀଙ୍କ ମଧ୍ୟରେ ହଇଚଇ
- ୫୦ ପ୍ରତିଶତରେ ରହିଛି ସଂରକ୍ଷଣ ତାଲିକା
- ସମିତିସଭ୍ୟ ତାଲିକାରେ ବ୍ୟାପକ ସଂଶୋଧନ




ରାଜ୍ୟ ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶକ୍ରମେ ଆସନ୍ତା ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପାଇଁ ସଂରକ୍ଷିତ ସଂଶୋଧନ ସ୍ଥାନ ତାଲିକା ମଙ୍ଗଳବାର ପ୍ରକାଶ ପାଇଛି। ଜିଲାପାଳ ଅମୃତ ଋତୁରାଜ କେନ୍ଦ୍ରାପଡ଼ା ଜିଲାର ୩୬୯୮ ୱାର୍ଡ ସଭ୍ୟ, ୨୪୯ ପଞ୍ଚାୟତର ସମିତି ସଭ୍ୟ ଓ ସରପଞ୍ଚ ଏବଂ ୯ଟି ବ୍ଲକ ଅଧକ୍ଷ ପଦର ସଂଶୋଧିତ ସଂରକ୍ଷଣ ତାଲିକା ଚିଠା ପ୍ରସ୍ତାବକୁ ମୋହର ମାରିଛନ୍ତି। ସଂଶୋଧିତ ସଂରକ୍ଷଣ ପ୍ରସ୍ତାବ ଚିଠା ଆଗତ ପରେ ଆଶାୟୀ ପ୍ରାର୍ଥୀଙ୍କ ମଧ୍ୟରେ ହଇଚଇ ଆରମ୍ଭ ହୋଇଯାଇଛି। ଜିଲାପାଳ ଓ ବ୍ଲକ କାର୍ଯ୍ୟାଳୟରେ ଏ ସମ୍ପର୍କରେ ଆଶାୟୀ ପ୍ରାର୍ଥୀମାନେ ସଂରକ୍ଷଣ ଚିଠାକୁ ତନଖି କରୁଥିବା ଦେଖାଯାଇଛି । ଜିଲା ପ୍ରଶାସନ ୧୯୯୭ଠାରୁ ୨୦୧୭ ପର୍ଯ୍ୟନ୍ତ ନିରନ୍ତର ସଂରକ୍ଷଣ ନିୟମକୁ ଆଧାର କରି ଚଳିତବର୍ଷର ସଂରକ୍ଷଣ ତାଲିକାକୁ ପ୍ରସ୍ତୁତ କରିଛନ୍ତି। ତେବେ ପୂର୍ବରୁ ଜନପ୍ରତିନିଧିଙ୍କ ଏହି ପଦଗୁଡିକ ପାଇଁ ସଂରକ୍ଷଣ ୬୫% ପର୍ଯ୍ୟନ୍ତ ଲମ୍ବିଥିବା ବେଳେ ଚଳିତବର୍ଷ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ ୫୦%ରେ ସୀମିତ ରହିଛି। ଜିଲାର ୯ ବ୍ଲକ ଅଧକ୍ଷ କ୍ଷେତ୍ରରେ ସ୍ଥାନ ସଂରକ୍ଷଣ ପୂର୍ବପରି ରହିଛି। ଏଥିସହ ୱାର୍ଡ ସଭ୍ୟଙ୍କ ସଂଶୋଧିତ ତାଲିକା ବ୍ଲକ ପ୍ରଶାସନକୁ ହସ୍ତାନ୍ତର କରାଯାଇଛି।

ତେବେ ସଂଶୋଧନ ତାଲିକାରେ ସମିତିସଭ୍ୟ କ୍ଷେତ୍ରରେ ବ୍ୟାପକ ପରିବର୍ତ୍ତନ ହୋଇଛି। ମହାକାଳପଡା ବ୍ଲକ ଅଞ୍ଚଳରେ ୮ଟି ପରିବର୍ତ୍ତନ ହୋଇଥିବା ବେଳେ ଡେରାବିଶ ବ୍ଲକରେ ୬, ଗରଦପୁରରେ ୪, ପଟ୍ଟାମୁଣ୍ଡାଇରେ ୩, ରାଜକନିକାରେ ୪, ମାର୍ଶାଘାଇରେ ୭, ଆଳିରେ ୪, ରାଜନଗରର ୧୨ଟି ପଞ୍ଚାୟତ ସଂରକ୍ଷଣ ପୂର୍ବ ତାଲିକାର ସଂଶୋଧନ ହୋଇଛି। କେନ୍ଦ୍ରାପଡ଼ା ବ୍ଲକ ଅଞ୍ଚଳରେ କୌଣସି ପରିବର୍ତ୍ତନ ହୋଇନାହିଁ। ଅପରପକ୍ଷରେ ସରପଞ୍ଚ ପଦବୀ ପାଇଁ ଆଳି, ଡେରାବିଶ, ରାଜନଗର ବ୍ଲକ ଅଞ୍ଚଳରେ କୌଣସି ସଂଶୋଧନ ନଜରକୁ ଆସିନାହିଁ। କେନ୍ଦ୍ରାପଡ଼ା ବ୍ଲକ ଅଞ୍ଚଳରେ ୪, ଗରଦପୁରରେ ୬, ପଟ୍ଟାମୁଣ୍ଡାଇରେ ୨, ମହାକାଳପଡାରେ ୭, ମାର୍ଶାଘାଇରେ ୧, ରାଜକନିକା ବ୍ଲକର ୨ଟି ପଞ୍ଚାୟତରେ ସଂରକ୍ଷଣ ତାଲିକାର ସଂଶୋଧନ ହୋଇଛି।

### ସରପଞ୍ଚ ପ୍ରାର୍ଥୀ ପାଇଁ ସଂଶୋଧିତ ତାଲିକା

କେନ୍ଦ୍ରାପଡ଼ା ବ୍ଲକର ଇନ୍ଦୁପୁର- ପଛୁଆବର୍ଗ, କଳପଡା- ପଛୁଆବର୍ଗ ମହିଳା, କୁତରଙ୍ଗ- ପଛୁଆବର୍ଗ, କୋରୋ- ପଛୁଆବର୍ଗ ମହିଳା, ଗରଦପୁର ବ୍ଲକର ତିକନପୁର- ପଛୁଆବର୍ଗ, ନଡିଆବରେଇ- ଅନୁସୂଚିତ ଜାତି ମହିଳା, ବଡ଼ବେତରା- ଅନୁସୂଚିତ ଜାତି ମହିଳା, ଭଗବାନ୍‌ପୁର- ଅନୁସୂଚିତ ଜାତି, ମଧୁଶାସନ- ଅନୁସୂଚିତ ଜାତି, ରାମଚନ୍ଦ୍ରପୁର- ପଛୁଆବର୍ଗ ମହିଳା, ପଟ୍ଟାମୁଣ୍ଡାଇ ବ୍ଲକର ତରଡ଼ିପାଳ- ଅସଂରକ୍ଷିତ ମହିଳା, ବାଲିପାଟଣା- ଅସଂରକ୍ଷିତ, ମହାକାଳପଡା ଖୁରୁସିଆ- ପଛୁଆବର୍ଗ ମହିଳା, ଗଡ଼ରୋମିତ- ପଛୁଆବର୍ଗ ମହିଳା, ଟିକରପଙ୍ଗା- ପଛୁଆବର୍ଗ, ଦେଉଳପଡା- ଅନୁସୂଚିତ ଜାତି ମହିଳା, ପାଟଲିପଙ୍କ- ଅନୁସୂଚିତ ଜାତି, ମଙ୍ଗଳପୁର- ଅସଂରକ୍ଷିତ ମହିଳା, ଯଦୁପୁର- ଅସଂରକ୍ଷିତ, ମାର୍ଶାଘାଇ ବ୍ଲକ ବଛରାଇ- ଅସଂରକ୍ଷିତ, ରାଜକନିକା ବ୍ଲକ ଜାଗୁଲାଇପଡା- ପଛୁଆବର୍ଗ ମହିଳା, ହାଟସାହି- ପଛୁଆବର୍ଗଙ୍କ ପାଇଁ ସଂରକ୍ଷିତ ରହିଛି।

### ସଂଶୋଧିତ ସମିତି ସଭ୍ୟ ସଂରକ୍ଷଣ ତାଲିକା

ମହାକାଳପଡ଼ା ବ୍ଲକ ଗଡ଼ରୋମିତ- ପଛୁଆବର୍ଗ, ତିଖିର- ଅସଂରକ୍ଷିତ, ପେଚ୍‌ଛେଲା- ପଛୁଆବର୍ଗ, ବଡିହି- ପଛୁଆବର୍ଗ, ବରକନ୍ଦା-ଅସଂରକ୍ଷିତ ମହିଳା, ବାରଡାଙ୍ଗ- ଅସଂରକ୍ଷିତ, ଯଦୁପୁର-ପଛୁଆବର୍ଗ ମହିଳା, ରାମନଗର-ଅସଂରକ୍ଷିତ ମହିଳା, ଡେରାବିଶ ବ୍ଲକ କୁରୁଜଙ୍ଗା-ପଛୁଆବର୍ଗ, କୁଶିଆପାଳ-ଅସଂରକ୍ଷିତ, ଗୁଆଲସିଂହ- ପଛୁଆବର୍ଗ, ଚାଟରାଚକଡା- ପଛୁଆବର୍ଗ ମହିଳା, ଯାଆଁରା- ପଛୁଆବର୍ଗ, ବସୁପୁର- ଅସଂରକ୍ଷିତ ମହିଳାବର୍ଗ, ଗରଦପୁର ବ୍ଲକ କଳାବୁଦା-ଅସଂରକ୍ଷିତ, ପଳସୁଧା- ଅସଂରକ୍ଷିତ ମହିଳା, ବଡ଼ବେତରା-ଅନୁସୂଚିତ ଜାତି, ଭଗବାନ୍‌ପୁର- ଅନୁସୂଚିତ ଜାତି ମହିଳା, ପଟ୍ଟାମୁଣ୍ଡାଇ ବ୍ଲକ ଅମୃତମଣୋହୀ- ଅସଂରକ୍ଷିତ, କଖାରୁଣୀ- ପଛୁଆବର୍ଗ ମହିଳା, ନରସିଂହପୁର-ଅସଂରକ୍ଷିତ ମହିଳା, ରାଜକନିକା ବ୍ଲକ କୋଇଲିପୁର- ଅସଂରକ୍ଷିତ ମହିଳା, ବରୁଣା- ପଛୁଆବର୍ଗ, ଭାରିଗଦା-ଅସଂରକ୍ଷିତ, ସିଓପଡା-ଅସଂରକ୍ଷିତ, ମାର୍ଶାଘାଇ ବ୍ଲକ ଗରଜଙ୍ଗା-ଅନୁସୂଚିତ ଜାତି, ତାଳସଂଗା- ଅନୁସୂଚିତ ଜାତି, ବଛରାଇ- ପଛୁଆବର୍ଗ, ବନ୍ଧକଟା-ପଛୁଆବର୍ଗ, ମଙ୍ଗରାଜପୁର- ଅସଂରକ୍ଷିତ, ମାର୍ଶାଘାଇ-ଅନୁସୂଚିତ ଜାତି ମହିଳା, ହିନ୍ଦୁଳିଆ-ଅସଂରକ୍ଷିତ, ଆଳି ବ୍ଲକର ଏକମାଣିଆ-ପଛୁଆବର୍ଗ, ଦଶୀପୁର- ପଛୁଆବର୍ଗ, ଦେସାହି-ଅସଂରକ୍ଷିତ, ବଡମ୍ପିଳା- ଅସଂରକ୍ଷିତ, ରାଜନଗର ବ୍ଲକ କୃଷ୍ଣନଗର-ପଛୁଆବର୍ଗ, କେରଡାଗଡ- ପଛୁଆବର୍ଗ, କୋଇଲିପୁର- ପଛୁଆବର୍ଗ, ଖମାରସାହି-ପଛୁଆବର୍ଗ ମହିଳା, ଗୁପ୍ତି-ପଛୁଆବର୍ଗ ମହିଳା, ଚାନ୍ଦିବାଉଁଶମୂଳ-ଅସଂରକ୍ଷିତ ମହିଳା, ଡାଙ୍ଗମାଳ-ଅନୁସୂଚିତ ଜାତି ମହିଳା, ବେରା-ଅସଂରକ୍ଷିତ ମହିଳା, ତାଳଚୁଆ- ଅସଂରକ୍ଷିତ, ବ୍ରାହ୍ମଣସାହି-ଅସଂରକ୍ଷିତ, ରାଜପୁର-ଅନୁସୂଚିତ ଜାତି, ସାନବଡ଼ପୁର ଗୋପାଳପୁର-ଅସଂରକ୍ଷିତ ରହିଛି।

# ଦରଦାମ ବୃଦ୍ଧି ପ୍ରତିବାଦରେ ଏଆଇୟୁଟିୟୁସିର ବିକ୍ଷୋଭ

**ଜଗତ୍‌ସିଂହପୁର ଅଫିସ,୨୬।୧୦**

କେନ୍ଦ୍ରୀୟ ଟ୍ରେଡ୍ ୟୁନିୟନ ଡାକରାରେ ଏଆଇୟୁଟିୟୁସି ଜଗତ୍‌ସିଂହପୁର ଜିଲା ଶାଖା ପକ୍ଷରୁ ୧୨ ଦଫା ଦାବିରେ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ପଡ଼ିଆରେ ସୋମବାର ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଶାଖା ସଭାପତି ପ୍ରଦୀପ୍ତ ରାମଙ୍କ ନେତୃତ୍ୱରେ ଆୟୋଜିତ ଏହି ବିକ୍ଷୋଭରେ ବିଶେଷକରି ବିଦ୍ୟୁତ୍ ଶୁଳ୍କ, ପେଟ୍ରୋଲ, ରନ୍ଧନ ଗ୍ୟାସ ଓ ଅତ୍ୟାବଶ୍ୟକ ସାମଗ୍ରୀର ଦରଦାମ ବୃଦ୍ଧିକୁ ନେଇ ଚିନ୍ତାପ୍ରକଟ କରାଯାଇଥିଲା। ଶ୍ରମିକଙ୍କୁ ଶିଳ୍ପରେ ନିଯୁକ୍ତି, ଇ-ଶ୍ରମ କାର୍ଡ ପ୍ରଦାନ, କୃଷି ଆଇନ-୨୦୨୦ ବାତିଲ ଆଦି ଦାବି ଉପରେ ଜୋର ଦିଆଯାଇଥିଲା। ଏହି ଅବସରରେ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କ ଜରିଆରେ ଦାବିପତ୍ର ପ୍ରଦାନ କରାଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ଏହି କାର୍ଯ୍ୟକ୍ରମରେ ଧର୍ମାନନ୍ଦ ଦାଶ, ବିଷ୍ଣୁ ବାରିକ, ଶ୍ୟାମ ସିଂ ଓ ପ୍ରକାଶ ଦାଶ ପ୍ରମୁଖ ଉପସ୍ଥିତ ଥିଲେ।

# ୫ ହେକ୍ଟର ଜଙ୍ଗଲ ଜମିରୁ ବେଆଇନ ଘେରି ଉଚ୍ଛେଦ

**ବାଲିକୁଦା, ୨୬।୧୦(ସ୍ୱ.ପ୍ର.)**

ବାଲିକୁଦା ବନ୍ଦର ବନପାଳ ଅଧୀନ ନଡ଼ିଆଖିଆରେ ଜଙ୍ଗଲ ବିଭାଗ ପକ୍ଷରୁ ମଙ୍ଗଳବାର ବେଆଇନ ଚିଙ୍ଗୁଡ଼ି ଘେରି ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ ହୋଇଛି। କୁଜଙ୍ଗ ଆଣ୍ଟିପୋଚିଂ ସ୍କ୍ୱାଡ୍ ଦ୍ୱାରା ୫ ହେକ୍ଟର ଜଙ୍ଗଲ ଜମିରୁ ଚିଙ୍ଗୁଡ଼ି ଘେରି ଭଙ୍ଗାଯାଇଥିଲା। ଏହି ଜମି ଜବରଦଖଲ କରି ଚିଙ୍ଗୁଡି ଚାଷ କରୁଥିବା ଲୋକଙ୍କୁ ପୂର୍ବରୁ ବିଭାଗ ପକ୍ଷରୁ ନୋଟିସ ଜାରି କରାଯାଇଥିଲା। ସହକାରୀ ବନ ସଂରକ୍ଷକ ଅଧୀର କୁମାର ବେହେରାଙ୍କ ନେତୃତ୍ୱରେ ଉଚ୍ଛେଦ ବେଳେ କୁଜଙ୍ଗ ବନାଞ୍ଚଳ ଅଧିକାରୀ ରଞ୍ଜନ କୁମାର ମିଶ୍ର, ବନ୍ଦର ବନପାଳ ମଙ୍ଗଳ ହେମ୍ବ୍ରମ୍, ନୂଆଗାଁ ବନପାଳ ଜ୍ଞାନପ୍ରକାଶ ମହାନ୍ତି, ହାୱାଖାନା ବନପାଳ ନବୀନ ମଲ୍ଲିକ, ହାୱାଖାନା ବନରକ୍ଷୀ ବିଶ୍ୱରନ ତରାଇ, ପାରାଦୀପ ଷଣ୍ଢକୁଦ ବନରକ୍ଷୀ ସୁରେଶ ପୃଷ୍ଟି ପ୍ରମୁଖ ଉପସ୍ଥିତ ଥିଲେ।

# ବିନା ଶୋଭାଯାତ୍ରାରେ ବିଦାୟନେଲେ ମା' ଗଜଲକ୍ଷ୍ମୀ

**କେନ୍ଦ୍ରାପଡ଼ା ଅଫିସ/ ଡେରାବିଶ, ୨୬।୧୦( ସ୍ୱ.ପ୍ର.)**



ଗୋବରୀ ନଦୀରେ ମା' ଗଜଲକ୍ଷ୍ମୀ ବିସର୍ଜିତ ହେଉଛନ୍ତି।

କେନ୍ଦ୍ରାପଡ଼ା ଜିଲାର ଗଣପର୍ବ ମା' ଗଜଲକ୍ଷ୍ମୀଙ୍କର ଭସାଣି ପର୍ବ ମଙ୍ଗଳବାର ଶେଷ ହୋଇଛି। ବିନା ବାଜା ଓ ଶୋଭାଯାତ୍ରାରେ ସହରରେ ସୋମବାର ବିଳମ୍ବିତ ରାତିରୁ ମା'ଙ୍କୁ ମେଲାଣି ଦିଆଯାଇଛି। ସହରର ୫୧ ମଣ୍ଡପର ମା'ଙ୍କ ମୃଣ୍ମୟୀ ମୂର୍ତ୍ତିକୁ ବିସର୍ଜନ କରାଯାଇଛି। ଅବଶିଷ୍ଟ ୧୬ ମଣ୍ଡପର ଦେବଦେବୀଙ୍କୁ ଜଳଲାଗି କରାଯାଇଛି। ଚଳିତବର୍ଷ ମା'ଙ୍କ ପୂଜାର୍ଚ୍ଚନାରେ କୋଭିଡ-୧୯ କଟକଣା ଲାଗିଥିଲା। ଏଥିପାଇଁ ଗଣପର୍ବ ଫିକା ପଡିଛି। ୪ ଫୁଟ ଉଚ୍ଚତାର ମୂର୍ତ୍ତି ନିର୍ମାଣଠାରୁ ଭସାଣିରେ ମାତ୍ର ୭ ଜଣ ସାମିଲ ହେବା ନିୟମକୁ କଡାକଡି ପାଳନ କରାଯାଇଛି। ମଣ୍ଡପରେ ମା'ଙ୍କ ବିସର୍ଜନ ବିଧିକୁ ସୋମବାର ନିଶାର୍ଦ୍ଧରେ ଆଧାମ୍ବିକ ପରିବେଶରେ ସମାପ୍ତ କରାଯାଇଥିଲା। ଏହି ପୂଜା ଉପଚାର ସନ୍ଧ୍ୟା ଆଳତି ପରଠାରୁ ଆରମ୍ଭ ହୋଇଥିଲା। ହୋମଯଜ୍ଞ, ପୂର୍ଣ୍ଣାହୁତି ଓ ବିସର୍ଜନ ପରେ କେତେକ ମଣ୍ଡପରୁ ମା'ଙ୍କୁ ଭସାଣି ପାଇଁ କମିଟି ସଦସ୍ୟ ନେଇଥିଲେ। ମଙ୍ଗଳବାର ଅପରାହ୍ନ ୫ଟା ସୁଦ୍ଧା ଭସାଣି ପର୍ବ ସମାପ୍ତ ହୋଇଛି। ଏହାକୁ ପରିଚାଳନା କରିବାକୁ ଜିଲା ପ୍ରଶାସନ ପକ୍ଷରୁ ଗୋବରୀ ନଦୀରେ ଦୁଇଟି ଅସ୍ଥାୟୀ ବିସର୍ଜନ ପୋଖରୀ ହୋଇଥିଲା। ସେହିପରି ଜିଲା ପୋଲିସ ଭସାଣି ପର୍ବରେ ସାମିଲ ହୋଇ ଆଇନଶୃଙ୍ଖଳା ପରିସ୍ଥିତି ପ୍ରତି ନଜର ରଖିଥିଲା।

ସେହିପରି ଡେରାବିଶ ବ୍ଲକ ଅଞ୍ଚଳରେ ବିଭିନ୍ନ ଗାଁରେ ୭୦ରୁ ଉର୍ଦ୍ଧ୍ୱ ପୂଜା ମଣ୍ଡପରେ ମା' ଗଜଲକ୍ଷ୍ମୀଙ୍କ ପୂଜା ଶେଷ ପରେ ସୋମବାର ବିଳମ୍ବିତ ରାତିରେ ବିନା ଶୋଭାଯାତ୍ରାରେ ମୂର୍ତ୍ତିଙ୍କୁ ବିସର୍ଜନ କରି ଦିଆଯାଇଛି। ବ୍ଲକ ଅଧୀନ ଚାନ୍ଦୋଳ ବଜାରରେ ୧୭ରୁ ଉର୍ଦ୍ଧ୍ୱ ପୂଜା ମଣ୍ଡପରେ ମା' ପୂଜା ପାଉଥିବା ବେଳେ ବ୍ଲକ ଅନ୍ତର୍ଗତ ଛତା ଓ ଓଲଡ଼ି ପୂଜା ମଣ୍ଡପ ଦେଖଣାହାରୀଙ୍କୁ ଆକର୍ଷିତ କରିଥିଲା। ମାତ୍ର ଚଳିତବର୍ଷ ସମସ୍ତ ପୂଜା ମଣ୍ଡପ କୋଭିଡ୍ କଟକଣା ପାଇଁ ଯେପରି ଭକ୍ତଶୂନ୍ୟ ହୋଇଯାଇଥିଲା।

# ପାଟକୁରା ବିଧାନସଭା ନିର୍ବାଚନ ମଣ୍ଡଳୀରେ ସଞ୍ଜୟ ମୁଖ୍ୟ

**କେନ୍ଦ୍ରାପଡ଼ା ଅଫିସ/ ପାଟକୁରା, ୨୬।୧୦(ଡି.ଏନ.ଏ.)**

ପାଟକୁରା ବିଧାନସଭା ନିର୍ବାଚନ ମଣ୍ଡଳୀରେ ସଞ୍ଜୟ ଅଗ୍ରୱାଲ ମୁଖିଆ। ଏପରି ବକ୍ତବ୍ୟ ବିଜେଡି କେନ୍ଦ୍ରାପଡ଼ା ଜିଲା ପର୍ଯ୍ୟବେକ୍ଷକ ଦେବାଶିଷ ସାମନ୍ତରାୟ ମଙ୍ଗଳବାର ରଖିଛନ୍ତି। ତାଙ୍କ ବକ୍ତବ୍ୟ ଏବେ ଜିଲାରେ ଆଲୋଚନାର ବିଷୟ ହୋଇଛି। ଏହି ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ମାର୍ଶାଘାଇ ବ୍ଲକ କରିଲୋପାଟଣା ପଞ୍ଚାୟତ ଦୁର୍ଗାମଣ୍ଡପଠାରେ ୭ଟି ପଞ୍ଚାୟତର କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଥିଲା। ଆସନ୍ତା ପଞ୍ଚାୟତ ନିର୍ବାଚନରେ ସଙ୍ଗଠିତ ହେବାକୁ ଜିଲା ପର୍ଯ୍ୟବେକ୍ଷକ ସାମନ୍ତରାୟ କର୍ମୀ ଓ ନେତୃମଣ୍ଡଳୀକୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ସେ ପ୍ରକାଶ କରିଥିଲେ ଯେ, ଦଳର ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସଙ୍କ ଘରେ ସଞ୍ଜୟବାବୁଙ୍କ ଉପସ୍ଥିତିରେ ଏକ କଥାବାର୍ତ୍ତା ହୋଇଛି। ଏହି ଅନୁଯାୟୀ ବିଧାନସଭା ନିର୍ବାଚନ ମଣ୍ଡଳୀର ସମସ୍ୟା ଓ ସମାଧାନରେ ସଞ୍ଜୟଙ୍କୁ ଗୁରୁତ୍ୱ ଦେବାକୁ ଜିଲାପାଳଙ୍କୁ କୁହାଯାଇଛି।

ସୂଚନାଯୋଗ୍ୟ, ସଞ୍ଜୟ ହେଉଛନ୍ତି ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ ବେଦପ୍ରକାଶ ଅଗ୍ରୱାଲ ଓ ପାଟକୁରା ବିଧାୟିକା ସାବିତ୍ରୀ ଅଗ୍ରୱାଲଙ୍କ ପୁଅ। ଦୀର୍ଘଦିନ ଧରି ବିଧାୟିକା ଅଗ୍ରୱାଲ ନିର୍ବଚନ ଜିଣିଥିଲେ ମଧ୍ୟ ସଙ୍ଗଠନ ଦାୟିତ୍ୱ ପୁଅକୁ ଛାଡିଥିବା ରାଜନୈତିକ ବିଶ୍ଳେଷକମାନେ ଆଲୋଚନା କରୁଛନ୍ତି। ଏପରିକି କେତେକ ପ୍ରଶାସନିକ ବୈଠକରେ ବିଧାୟିକା ଅଗ୍ରୱାଲଙ୍କ ବଦଳରେ ସଞ୍ଜୟଙ୍କୁ ଦେଖିବାକୁ ମିଳୁଛି। କାର୍ଯ୍ୟକାରିଣୀ ବୈଠକରେ ଜିଲା ପର୍ଯ୍ୟବେକ୍ଷକ ସାମନ୍ତରାୟଙ୍କ ଏହି ମନ୍ତବ୍ୟ ଆଗାମୀ ଦିନରେ ପାଟକୁରା ଅଞ୍ଚଳରେ ବିଧାୟକ ପ୍ରାର୍ଥୀ ସଞ୍ଜୟ ବୋଲି ବିଶ୍ଳେଷକମାନେ ମତ ଦେଉଛନ୍ତି। ବୈଠକରେ ସ୍ଥାନୀୟ ସରପଞ୍ଚ ସୁକାନ୍ତ ସାହୁ, ବ୍ଲକ ଉପାଧକ୍ଷା ମମତା ପ୍ରଧାନ, ପୂର୍ବତନ ଜିଲା ପରିଷଦ ସଭ୍ୟ ପ୍ରମୋଦ ରଥ, ଅଞ୍ଜୁ ଅଗ୍ରୱାଲ, ଶିକ୍ଷାବିତ୍ ଅରକ୍ଷିତ ସାମନ୍ତରାୟ, କେନ୍ଦ୍ରାପଡ଼ା ଜିଲା ବିଜେଡି ଉପସଭାପତି ଜୟଦେବ ପରିଡା, କେଦାର ସାମନ୍ତରାୟ, କେନ୍ଦ୍ରାପଡ଼ା ଜିଲା ବିଜେଡି ଉପସଭାପତି ଜୟଦେବ ପରିଡା, କେଦାର ସାମନ୍ତରାୟଙ୍କ ପ୍ରମୁଖ ଯୋଗ ଦେଇଥିଲେ।




ବୈଠକରେ ଜିଲା ପର୍ଯ୍ୟବେକ୍ଷକ ଦେବାଶିଷ ସାମନ୍ତରାୟ ଓ ଅନ୍ୟମାନେ।

# ଶିକ୍ଷକ ପଦବୀ ପୂରଣ ନ ହେଲେ ଧାରଣା ଚେତାବନୀ

**ବାଲିଆ, ୨୬।୧୦**

ବିରିଡି ବ୍ଲକ ଅଢଙ୍ଗ ପଞ୍ଚାୟତ ଅନ୍ତର୍ଗତ ନାଇଲୋଗ୍ରାମର ଯଶୋବନ୍ତ ସରକାରୀ ଉଚ୍ଚ ବିଦ୍ୟାଳୟରେ ଶିକ୍ଷକଙ୍କ ଅଭାବ ରହିଛି। ଏନେଇ ପିଲାଙ୍କ ପାଠପଢ଼ା ବାଧାପ୍ରାପ୍ତ ହେଉଥିବା ନେଇ ବିଦ୍ୟାଳୟ ପରିଚାଳନା କମିଟିର ସଭ୍ୟ ଓ କିଛି ଅଭିଭାବକ ଅଭିଯୋଗ କରିଛନ୍ତି। ତୁରନ୍ତ ଶିକ୍ଷକ ପଦବୀ ପୂରଣ କରିବାକୁ ଦାବି କରି ସେମାନେ ମଙ୍ଗଳବାର ବିଇଓଙ୍କୁ ଦାବିପତ୍ର ଦେଇଛନ୍ତି। ପଦବୀ ପୂରଣ ନ ହେଲେ ବିଇଓଙ୍କ କାର୍ଯ୍ୟାଳୟ ଘେରାଉ କରି ଧାରଣା ଦେବାକୁ ସେମାନଙ୍କ ଅଭିଯୋଗ ଅନୁଯାୟୀ, ବିଦ୍ୟାଳୟରେ ୪ ଜଣ ଶିକ୍ଷକଙ୍କ ଅଭାବ ରହିଛି। ଏନେଇ ପୂର୍ବରୁ ଜିଲା ଶିକ୍ଷାଧିକାରୀଙ୍କ ନିକଟରେ ଲିଖିତ ଦାବି କରାଯାଇଥିଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ। ଦାବିପତ୍ର ପ୍ରଦାନ ସମୟରେ ପରିଚାଳନା କମିଟି ସଭାପତି ଭଗବାନ ସାହୁ, ସୁରେଶ ଚନ୍ଦ୍ର ମିଶ୍ର, ଅନାଦି ଭୋଇ, ପ୍ରମିଳା ବେହେରା, ଗୋବିନ୍ଦ ଚନ୍ଦ୍ର ବେହେରା ଓ ଅଜୟ କୁମାର ବାରିକ ପ୍ରମୁଖ ଉପସ୍ଥିତ ଥିଲେ। ଏ ସମ୍ପର୍କରେ ବ୍ଲକ ଶିକ୍ଷାଧିକାରୀ ବିଜୟ କୁମାର ସେନାପତି କହିଛନ୍ତି, ଦାବିପତ୍ର ମିଳିଛି। ଶିକ୍ଷକ ଅଭାବ ସମସ୍ୟା ଦୂର କରିବା ପାଇଁ ଉଦ୍ୟମ କରାଯିବ।

# ମହାକାଳପଡ଼ା ସରପଞ୍ଚ ପଦବୀ ପାଇଁ ଉପନିର୍ବାଚନ ଆଜି

**ମହାକାଳପଡ଼ା, ୨୬।୧୦ (ଡି.ଏନ୍.ଏ.)**

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ପଞ୍ଚାୟତରେ ବର୍ଷେରୁ ଅଧିକ ହେବ ସରପଞ୍ଚ ପଦବୀ ଖାଲିପଡ଼ିଥିଲା। ଏହି ପଦବୀ ପାଇଁ ଦୁଇ ମହିଳା ପ୍ରାର୍ଥୀ ନାମାଙ୍କନପତ୍ର ଦାଖଲ କରିଥିଲେ। କୋଭିଡ୍ କଟକଣା ପାଇଁ ଏହି ଉପନିର୍ବାଚନକୁ ସାମୟିକ ଭାବେ ପ୍ରଶାସନ ବନ୍ଦ କରିଥିଲା। କଟକଣା କୋହଳ ପରେ ବୁଧବାର ଉପନିର୍ବାଚନ ଅନୁଷ୍ଠିତ ହେଉଛି। ଏ ନେଇ ବ୍ଲକ ପ୍ରଶାସନ ପକ୍ଷରୁ ପଞ୍ଚାୟତରେ ୨୪ ବୁଥ୍‌ରେ ସକାଳଠାରୁ ସନ୍ଧ୍ୟା ପର୍ଯ୍ୟନ୍ତ ଭୋଟ ଗ୍ରହଣ କରାଯିବ ବୋଲି ବିଡିଓ ଦେବାଶିଷ ରାଉତ ସୂଚନା ଦେଇଛନ୍ତି।

ପଞ୍ଚାୟତରେ ମୋଟ ଭୋଟର ସଂଖ୍ୟା ୭,୯୩୬। ସେଥିମଧ୍ୟରୁ ପୁରୁଷ ଭୋଟର ୪,୨୦୨ ଥିଲା ବେଳେ ମହିଳା ଭୋଟରଙ୍କ ସଂଖ୍ୟା ୩,୭୩୪। ନିର୍ବାଚନ ପାଇଁ ଦେଢ଼ଶହରୁ ଉର୍ଦ୍ଧ୍ୱ କର୍ମଚାରୀଙ୍କୁ ନିୟୋଜିତ ହୋଇଛନ୍ତି। ମଙ୍ଗଳବାରଠାରୁ ପ୍ରତ୍ୟେକ ବୁଥ୍‌ରେ ପୋଲିଂ ପାର୍ଟି ପହଞ୍ଚିଛନ୍ତି। ସରପଞ୍ଚ ପଦବୀ ପାଇ ଜୀବନଜ୍ୟୋତ୍ସ୍ନା ଜେନା ଓ ସୁଜାତା ସାମନ୍ତରାୟଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହେବ। ପୋଲିସ ପକ୍ଷରୁ ପୋଲିଂ ବୁଥ୍‌ରେ କଡାକଡି ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିବା ଆଇଆଇସି ମନୋରଞ୍ଜନ ଚୌଧୁରୀ କହିଛନ୍ତି।

# 'ଦେଶ ପ୍ରଗତିରେ ଦୁର୍ନୀତି ବଡ଼ ପ୍ରତିବନ୍ଧକ'



ସଚେତନତା ସଭାରେ ଯୋଗ ଦେଇଥିବା ପ୍ରଶାସନିକ ଅଧିକାରୀମାନେ।

**ଜଗତ୍‌ସିଂହପୁର ଅଫିସ, ୨୬।୧୦**

**ଜିଲାସ୍ତରୀୟ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ**

ଦେଶର ଆର୍ଥିକ, ରାଜନୈତିକ ଏବଂ ସାମାଜିକ ପ୍ରଗତି ପଥରେ ଦୁର୍ନୀତି ହିଁ ସବୁଠୁ ବଡ଼ ପ୍ରତିବନ୍ଧକ। ଏହାର ମୂଳୋତ୍ପାଟନ ପାଇଁ ବିଭିନ୍ନ ମହଲରେ ଯଥା ସରକାର, ଏହାର ଅଂଶୀଦାର, ଘରୋଇ କ୍ଷେତ୍ର ଓ ନାଗରିକ ସମୁଦାୟ ପ୍ରତ୍ୟେକ ଏକତ୍ରିତ ହୋଇ କାର୍ଯ୍ୟ କରିବା ଆବଶ୍ୟକ। ମଙ୍ଗଳବାର ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ସଦ୍‌ଭାବନା ଗୃହରେ ଜିଲାସ୍ତରୀୟ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନ ଅବସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲାପାଳ ପାରୁଲ ପଟାୱରୀ ଏହା କହିଥିଲେ। ଏନେଇ ସେ ଅଧିକାରୀ ଓ କର୍ମଚାରୀମାନଙ୍କୁ ଶପଥପାଠ କରାଇଥିଲେ। ୨୬ ଅକ୍ଟୋବରରୁ ୧ ନଭେମ୍ବର ପର୍ଯ୍ୟନ୍ତ ସାରା ଦେଶରେ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନ କରାଯାଉଛି। ଏହି ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲାପାଳ ସଚ୍ଚିଦାନନ୍ଦ ସାହୁ, ଚିନ୍ମୟୀ ବିଶ୍ୱାଳ, ଭିଜିଲାନ୍ସ ଡିଏସ୍‌ପି ହେମନ୍ତ କୁମାର ମହାନ୍ତି, ଜିଲାସ୍ତରୀୟ ଅଧିକାରୀ, ଡେପୁଟି କଲେକ୍ଟର, ସହକାରୀ ଜିଲାପାଳ ଓ ଜିଲାପାଳଙ୍କ କାର୍ଯ୍ୟାଳୟର କର୍ମଚାରୀମାନେ ଉପସ୍ଥିତ ଥିଲେ। ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକ ଏହାକୁ ପରିଚାଳନା କରିଥିଲେ।

# ୫ ଶ୍ରେଣୀ ପାଇଁ ଗୋଟିଏ କୋଠରି

**ନାଉଗାଁ,୨୬।୧୦(ସ୍ୱ.ପ୍ର.)**

**ନଳାଙ୍ଗ ପ୍ରାଥମିକ ବିଦ୍ୟାଳୟ**
- ୨ୟ କୋଠରିରେ ଅଙ୍ଗନୱାଡି କେନ୍ଦ୍ର
- କାର୍ଯ୍ୟାଳୟ ପାଇଁ ସ୍ୱତନ୍ତ୍ର ଗୃହ ନାହିଁ

ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଶିକ୍ଷକମାନଙ୍କୁ ବିଭିନ୍ନ ପ୍ରକାର ତାଲିମ୍ ଦିଆଯାଇ ପିଲାଙ୍କ ମାନସିକ,ବୌଦ୍ଧିକ ବିକାଶ ଉପରେ ଗୁରୁତ୍ୱ ଦିଆଯାଉଛି। ମାତ୍ର ନାଉଗାଁ ବ୍ଲକ ଶିଖର ପଞ୍ଚାୟତ ଅନ୍ତର୍ଗତ ନଳାଙ୍ଗ ଗ୍ରାମର ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷା ବ୍ୟବସ୍ଥାକୁ ଦେଖିଲେ ଉପହାସ କଲା ପରି ମନେ ହେଉଛି। ଏହି ନଳାଙ୍ଗ ପ୍ରାଥମିକ ବିଦ୍ୟାଳୟ ୨ କୋଠରିରେ ଚାଲିଛି। ଫଳରେ ପିଲାଙ୍କ ପାଠପଢ଼ା ବାଧାପ୍ରାପ୍ତ ହେଉଛି। କମ୍ ଉପସ୍ଥାନ ଯୋଗୁ ଶାଳିଜଙ୍ଗା ପ୍ରାଥମିକ ବିଦ୍ୟାଳୟ,ପାଟେଣି ଗାଁ ପ୍ରାଥମିକ ବିଦ୍ୟାଳୟ ଓ ବୋଦଳ ପ୍ରାଥମିକ ବିଦ୍ୟାଳୟକୁ ଉକ୍ତ ବିଦ୍ୟାଳୟ ସହ ମିଶ୍ରଣ କରାଯାଇଛି। ବିଦ୍ୟାଳୟରେ ପ୍ରଥମରୁ ୫ମ ଶ୍ରେଣୀ ପର୍ଯ୍ୟନ୍ତ ରହିଥିବା ବେଳେ ୬ ଜଣ ଶିକ୍ଷକ ନିଯୁକ୍ତି ପାଇଛନ୍ତି। ମାତ୍ର ଏହି ପାଞ୍ଚଟି ଶ୍ରେଣୀ ପାଇଁ କେବଳ ୨ଟି କୋଠରି ରହିଛି।

ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ କଲ୍ୟାଣି ଜେନାଙ୍କ ସୂଚନାନୁଯାୟୀ, ପ୍ରଥମ ଶ୍ରେଣୀରେ ୫, ଦ୍ୱିତୀୟ ଶ୍ରେଣୀରେ ୮, ତୃତୀୟ ଶ୍ରେଣୀରେ ୮, ୪ର୍ଥ ଶ୍ରେଣୀରେ ୯, ୫ମ ଶ୍ରେଣୀରେ ୧୧ ଜଣ ପିଲା ପାଠ ପଢୁଛନ୍ତି। ସରକାରଙ୍କ ନିୟମାନୁସାରେ ୫ଟି ଶ୍ରେଣୀକୁ ୫ କୋଠରି ଆବଶ୍ୟକ ଥିବା ବେଳେ ଶିକ୍ଷକ ଓ ବିଦ୍ୟାଳୟର ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ପାଇଁ ଏକ କାର୍ଯ୍ୟାଳୟର ଆବଶ୍ୟକତା ରହିଛି। କୋଠରି ଅଭାବ ଥିବାବେଳେ ୨ ଗୃହ ମଧ୍ୟରୁ ଗୋଟିଏ ଗୃହରେ ଅଙ୍ଗନୱାଡି କେନ୍ଦ୍ର ଚାଲିଛି। ଫଳରେ ଗୋଟିଏ ଗୃହରେ ପ୍ରଥମରୁ ୫ମ ଶ୍ରେଣୀ ପର୍ଯ୍ୟନ୍ତ ପିଲା ବସୁଥିବାବେଳେ ଏହାର ଗୋଟିଏ ପାର୍ଶ୍ୱରେ ଅଫିସ କାର୍ଯ୍ୟ ଚାଲୁ ରହିଛି। ପୂର୍ବରୁ ପ୍ରଚଳିତ ସର୍ବଶିକ୍ଷା ଯୋଜନା ମାଧ୍ୟମରେ ଉପସ୍ଥାନ କମ୍ ଥିବା ବିଦ୍ୟାଳୟଗୁଡିକ ପାଇଁ ବଡ ବଡ କୋଠା ନିର୍ମାଣ ହୋଇଥିଲା। ଏବେ ସେଗୁଡିକ ବନ୍ଦ ହୋଇ ପରିତ୍ୟକ୍ତ ଅବସ୍ଥାରେ ପଡିରହିଛି। କିନ୍ତୁ ଯେଉଁଠାରେ ବିଦ୍ୟାଳୟ ଚାଲିଛି ସେଠାରେ ଗୃହର ଅଭାବ ରହିଛି। ସରକାରୀ ବିଦ୍ୟାଳୟରେ ଏପରି ଅବ୍ୟବସ୍ଥା ଯୋଗୁ ଅନେକ ଅଭିଭାବକ ସେମାନଙ୍କ ପିଲାଙ୍କୁ ବେସରକାରୀ ବିଦ୍ୟାଳୟ ପଠାଇବାକୁ ବାଧ ହେଉଛନ୍ତି।

ଏବିଷୟରେ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଜେନା କୁହନ୍ତି, ବିଦ୍ୟାଳୟରେ ଆବଶ୍ୟକ ଗୃହ ନ ଥିବାରୁ ବହୁତ ଅସୁବିଧା ହେଉଛି। ଏବିଷୟରେ ଉପରିସ୍ଥ ଅଧିକାରୀଙ୍କୁ ଅବଗତ କରାଯାଇଛି।



# ବନ୍ଦରରେ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ଆରମ୍ଭ

**ପାରାଦୀପ,୨୬।୧୦(ସ୍ୱ.ପ୍ର.)**

ପାରାଦୀପ ବନ୍ଦର ପ୍ରଶାସନ ପକ୍ଷରୁ ମଙ୍ଗଳବାରଠାରୁ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ଆରମ୍ଭ ହୋଇଛି। ଏହା ୧ ନଭେମ୍ବର ପର୍ଯ୍ୟନ୍ତ ଚାଲିବ। ଉକ୍ତ କାର୍ଯ୍ୟକ୍ରମକୁ ବନ୍ଦର ଅଧକ୍ଷ ପି.ଏଲ. ହାରାନ୍ଧ ଉଦ୍‌ଘାଟନ କରିଥିଲେ। ପରେ ବନ୍ଦର କର୍ମଚାରୀଙ୍କୁ ଦୁର୍ନୀତି ନିବାରଣ ଉପରେ ଶପଥପାଠ କରାଯାଇଥିଲା। ଏହି ଅବସରରେ ମଙ୍ଗଳବାରଠାରୁ ସମସ୍ତ ଠିକାସଂସ୍ଥା ଓ ଅନ୍ୟ ଭେଣ୍ଡରମାନଙ୍କ ବିଲ୍ ପୈଠ ଅନ୍‌ଲାଇନ ଜରିଆରେ ଆରମ୍ଭ ହୋଇଛି। ସେହିପରି ତୈଳ ବିଶୋଧନାଗାର ପରିସରରେ ସତର୍କତା ସଚେତନତା ସପ୍ତାହ ଆରମ୍ଭ ହୋଇଛି। ନିର୍ବାହୀ ନିର୍ଦ୍ଦେଶକ ଭି.ଏସ୍ ଜୈନ ଏହାକୁ ଉଦ୍‌ଘାଟନ କରିଥିଲେ।

## ସଂକ୍ଷେପରେ

### ଉତ୍କୋଚ ନେବେ ନାହିଁ କି ଦେବେ ନାହିଁ

ଭୁବନେଶ୍ୱର,୨୬।୧୦(ବ୍ୟୁରୋ): ୨୬ ଅକ୍ଟୋବରଠାରୁ ୧ ନଭେମ୍ବର ପର୍ଯ୍ୟନ୍ତ ରାଜ୍ୟରେ ଦୁର୍ନୀତି ନିବାରଣ ସପ୍ତାହ ପାଳନ ହେଉଛି। ଏହି ଅବସରରେ ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ମଙ୍ଗଳବାର ପୂର୍ବାହ୍ନ ୧୧ଟାରେ ଦୁର୍ନୀତି ବିରୋଧୀ ଶପଥ ପାଠ କରାଯାଇଥିଲା । ସମାନଭାବେ ଲୋକସେବା ଭବନରେ ମଧ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ସବୁ ବିଭାଗ କର୍ମଚାରୀଙ୍କୁ ଶପଥ ପାଠ କରାଇଛନ୍ତି। ସୂଚନା ଓ ଲୋକ ସମ୍ପର୍କ ବିଭାଗ ନିର୍ଦ୍ଦେଶକ ଇନ୍ଦ୍ରମଣି ତ୍ରିପାଠୀ ଉପସ୍ଥିତ ବିଭାଗୀୟ ଅଧିକାରୀ ଓ କର୍ମଚାରୀଙ୍କୁ ଶପଥ ପାଠ କରାଇଥିଲେ। ସମସ୍ତ ଅଧିକାରୀ ଓ କର୍ମଚାରୀ ଉତ୍କୋଚ ନେବେ ନାହିଁ କି ଦେବେନାହିଁ ବୋଲି ଶପଥ ପାଠ କରିଛନ୍ତି। କୋଭିଡ୍ ମାର୍ଗଦର୍ଶିକା ଅନୁପାଳନ ମଧରେ ସମସ୍ତେ ମାସ୍କ ପରିଧାନ ସହିତ ସାମାଜିକ ଦୂରତା ରକ୍ଷା କରି ଶପଥ ପାଠ କରିଥିଲେ । ବୈଷୟିକ ନିର୍ଦ୍ଦେଶକ ନିରଞ୍ଜନ ସେଠି, ଦୁର୍ନୀତି ନିବାରଣର ତାତ୍ପର୍ଯ୍ୟ ଓ ଆଭିମୁଖ୍ୟ ସମ୍ବନ୍ଧରେ ସୂଚନା ଦେଇଥିଲେ। ଅନ୍ୟମାନଙ୍କ ମଧରେ ସୂଚନା ଓ ଲୋକ ସମ୍ପର୍କ ବିଭାଗ ଅତିରିକ୍ତ ନିର୍ଦ୍ଦେଶକ ସୁରେନ୍ଦ୍ର ନାଥ ପରିଡ଼ା, ଉପନିର୍ଦ୍ଦେଶକ ସନ୍ତୋଷ ଦାସ, ମାନସ ରଞ୍ଜନ ଖୁଣ୍ଟିଆ, ବିଶ୍ୱଜିତ ଦାଶ, ସ୍ମିତା କର ଏବଂ ଜ୍ୟୋତିର୍ମୟୀ ସାମନ୍ତରାୟ ତଥା ବିଭାଗୀୟ ଅଧିକାରୀମାନେ ଶପଥ ପାଠ କରିଥିଲେ ।

### ଡିକି ଭାଙ୍ଗି ଲୁଟିନେଲେ ୧୨ଲକ୍ଷର ସୁନା, ରୁପା

ଭଦ୍ରକ ଅଫିସ, ୨୬।୧୦: ଭଦ୍ରକ ସହରାଞ୍ଚଳ ଥାନା ଛକ ନିକଟରେ ଥିବା ଏକ ସୁନା ଦୋକାନ ସମ୍ମୁଖରୁ ବାଇକ୍ ଡିକି ଭାଙ୍ଗି କେହି ଦୁର୍ବୃତ୍ତ ୧୨ ଲକ୍ଷ ଟଙ୍କାର ସୁନା ଓ ରୁପା ଲୁଟି ନେଇଛନ୍ତି। ଭଦ୍ରକ ସହର ଅନ୍ତର୍ଗତ ନରିପୁର ଅଞ୍ଚଳର ଅଜୟ କୁମାର ସାହୁଙ୍କର ଥାନା ଛକ ନିକଟରେ ଏକ ସୁନା ଦୋକାନ ଅଛି। ସବୁଦିନ ଭଳି ମଙ୍ଗଳବାର ଅଜୟ ବାଇକ୍ ଯୋଗେ ନିଜ ଦୋକାନକୁ ଆସିଥିଲେ। ବ୍ୟାଗରେ ୧୫୦ ଗ୍ରାମ ସୁନା ଓ ୧୦ କିଲୋ ରୁପା ଭର୍ତ୍ତିକରି ବାଇକ୍ ଡିକିରେ ରଖିଥିଲେ। ବାଇକ୍‌ଟିକୁ ରଖି ଦୋକାନ ଖୋଲିବା ସମୟରେ କେହି ଦୁର୍ବୃତ୍ତ ଡିକି ଭାଙ୍ଗି ସୁନା ଓ ରୁପା ବ୍ୟାଗକୁ ନେଇ ଚମ୍ପଟ ମାରିଥିଲେ। ଅଭିଯୋଗ ପାଇ ପୋଲିସ ଘଟଣାର ତଦନ୍ତ ଜାରି ରଖିଛି।

### ନନ୍ଦନକାନନରେ ଧଳା ମୟୂର, ସିମ୍ପାଞ୍ଜି ଅସୁସ୍ଥ

ବାରଙ୍ଗ,୨୬।୧୦(ଡି.ଏନ୍.ଏ.): ପ୍ରାଣୀ ଉଦ୍ୟାନ ନନ୍ଦନକାନନର ପାଦଚଲା ବିହଙ୍ଗ ସାରଣୀରେ ରହୁଥିବା ୩ବର୍ଷର ଅଣ୍ଡିରା ଧଳା ମୟୂର ପ୍ରଥମଥର ପାଇଁ ଅସୁସ୍ଥ ହୋଇଛି। ମୟୂରଟି ବିହଙ୍ଗ ସାରଣୀରେ ବୁଲାବୁଲି କରୁଥିବାବେଳେ ମଙ୍ଗଳବାର ମଧାହ୍ନ ସମୟରେ ହଠାତ୍ ବେକ ମୋଡି ତଳେ ପଡ଼ିଯାଇଥିଲା। ଅନ୍ୟପଟେ ଜନ୍ତୁ ବିଭାଗର ପରିଚାଳନା ଗତତ୍ରୁଟି ପାଇଁ ଏଭଳି ସମସ୍ୟା ଦେଖାଦେଇଛି ବୋଲି କର୍ମଚାରୀ ମହଲରେ ଅଭିଯୋଗ ହୋଇଛି। ସେ ଦୁର୍ବଳ ହେବା ସହିତ ଗୋଟିଏ ସ୍ଥାନରେ ପଡିରହିବା ସହ ଖାଦ୍ୟ ଖାଉ ନ ଥିଲା। ଖବରପାଇ ନନ୍ଦନକାନନ ଡାକ୍ତରୀ ଦଳ ଅସୁସ୍ଥ ମୟୂରଟିକୁ ଚିକିତ୍ସା କରିବା ସହ ଗ୍ଲୁକୋଜ ପାଣି ସହିତ ଆଣ୍ଟିବାୟୋଟିକ ଔଷଧ ଦେବା ପରେ ଏକପ୍ରକାର ସୁସ୍ଥ ଅଛି। ସେହିପରି ୬୦ଏ ଏନକ୍ଲୋଜରରେ ରହୁଥିବା ମାଈ ସିମ୍ପାଞ୍ଜି ରାକ୍ଷୀ ମଧ ମଙ୍ଗଳବାର ଅସୁସ୍ଥ ହୋଇପଡିଛି। ଡାକ୍ତରମାନେ ପହଞ୍ଚି ତାକୁ ଚିକିତ୍ସା କରିବା ପରେ ସେ ସୁସ୍ଥ ହୋଇଛି। ରାକ୍ଷୀ ଏବେ ଗର୍ଭବତୀ ଅଛି। ସେ ଡିସେମ୍ବର ଶେଷ ସପ୍ତାହ କିମ୍ବା ଜାନୁୟାରୀ ପ୍ରଥମ ସପ୍ତାହରେ ଛୁଆ ଜନ୍ମ ତାରିଖ ଧାର୍ଯ୍ୟ କରାଯାଇଛି।

# ଦୁର୍ନୀତି ତଦନ୍ତରେ ସାଲିସ

**କୃଷି ଓ କୃଷକଙ୍କ ସର୍ବାଙ୍ଗୀନ ଉନ୍ନତି ପାଇଁ କାର୍ଯ୍ୟରତ ଯାଜପୁର ଜିଲାର ପ୍ରାଥମିକ ସେବା ସମବାୟ ସମିତି(ପାକ୍ସ)ଗୁଡ଼ିକ ମଧ୍ୟରୁ ଅଧିକାଂଶ ଦୁର୍ନୀତିରେ ବୁଡ଼ି ରହିଛି। ଏହି ଦୁର୍ନୀତିରେ ପ୍ରଭାବିତ ଚାଷୀକୁଳ ବିଭିନ୍ନ ସମୟରେ ଅଭିଯୋଗ କରି ଆସୁଥିଲେ ହେଁ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କ ତଦନ୍ତ ନିର୍ଦ୍ଦେଶରେ ସାଲିସ ହେଉଛି। ଏପରି କି ତଦନ୍ତ ନିର୍ଦ୍ଦେଶ ପରେ ପ୍ରାୟ ୨ରୁ ୩ ମାସ ପର୍ଯ୍ୟନ୍ତ କାଗଜପତ୍ର ସୁଧାରିବାକୁ ସୁଯୋଗ ଦିଆଯାଉଛି। ଫଳରେ ଦୁର୍ନୀତିର ବାସ୍ତବ ଚିତ୍ର ଲୋକଲୋଚନକୁ ଆସି ନ ପାରି ଦୁର୍ନୀତିଗ୍ରସ୍ତ ଅଧିକାରୀ ଓ କର୍ମଚାରୀ ମୁକୁଳି ଯାଉଛନ୍ତି।**

## ଯାଜପୁର ଜିଲା ସେବା ସମବାୟ ସମିତି

ଯାଜପୁର ଅଫିସ,୨୬।୧୦

ଯାଜପୁର ଜିଲା କୋରେଇ ବ୍ଲକ ଧନେଶ୍ୱର ପାକ୍ସ ଅଧୀନ ୧୫ରୁ ଊର୍ଦ୍ଧ୍ୱ ଚାଷୀ ଧାନ ବିକ୍ରି କରି ସେମାନଙ୍କ ପାଉଣା ପାଇନାହାନ୍ତି। ଏହି ମର୍ମରେ ସମ୍ପୃକ୍ତ ଚାଷୀମାନେ ୧୬।୭।୨୦୨୧ରେ ଖାଦ୍ୟ ଯୋଗାଣ ଏବଂ ଖାଉଟି କଲ୍ୟାଣ, ସମବାୟ ମନ୍ତ୍ରୀଙ୍କ ସମେତ ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ହେଁ ତଦନ୍ତ ନିର୍ଦ୍ଦେଶ କେବଳ କାଗଜ କଲମରେ ସୀମିତ ରହିଛି। ୧୦।୮।୨୦୨୧ ଏବଂ ୧୩।୮।୨୦୨୧ରେ ଆବଶ୍ୟକ ତଦନ୍ତ କରି ରିପୋର୍ଟ ଦାଖଲ କରିବାକୁ ବିଭାଗୀୟ ନିର୍ଦ୍ଦେଶ ହୋଇଥିଲା। ତାହା ଏଯାଏ କାର୍ଯ୍ୟକାରୀ ହୋଇ ପାରିନାହିଁ। ଫଳରେ ୨୨।୧୦।୨୦୨୧ରେ ୭ ଦିନ ମଧ୍ୟରେ ତଦନ୍ତ ରିପୋର୍ଟ ସହ କ'ଣ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ତାହାର ସବିଶେଷ ତଥ୍ୟ ଦାଖଲ କରିବାକୁ କଟକ-୨ ଡିଭିଜନର ଡିଆର୍‌ସିଏସ୍(ଡେପୁଟି ରେଜିଷ୍ଟ୍ରାର ଅଫ୍ କୋଅପରେଟିଭ ସୋସାଇଟି)ଙ୍କୁ ରାଜ୍ୟ ସମବାୟ ସମିତି(କ୍ରେଡିଟ୍)ର ଉପନିବନ୍ଧକ ନିର୍ଦ୍ଦେଶ ଜାରି କରିଛନ୍ତି। ଏହାବାଦ ଜିଲାର ବଡ଼ଚଣା ପାକ୍ସ ଅଧୀନ ବାଘୁଆ ଗ୍ରାମର ଚାଷୀ ଉଦୟନାଥ ରାଉତ, ଭ୍ରମରବର ରାଉତ, ଧ୍ରୁବାନନ୍ଦ ରାଉତ ପ୍ରମୁଖ ୧୫ ଜଣ ଚାଷୀ ୬ ମାସ ତଳେ ଟୋକନ ଜାଲିଆତି ମାଧ୍ୟମରେ ଲକ୍ଷାଧିକ ଟଙ୍କା ହଡପ ହୋଇଥିବା ଅଭିଯୋଗ କରିଥିଲେ। ଏହାର ତଦନ୍ତ ନିର୍ଦ୍ଦେଶରେ ହିଁ ସୀମିତ ରହିଛି।

ଧନେଶ୍ୱର ପାକ୍ସ ଅଧୀନ ଚାଷୀ ବଳରାମ ରାଉତ, ସୁରେନ୍ଦ୍ର କର, ଜଗବନ୍ଧୁ କର, ରବିନାରାୟଣ ଦାସ, ଶୁଭମ ରାଉତ, ପୂର୍ଣ୍ଣଚନ୍ଦ୍ର ଶତପଥୀ, ରଶ୍ମିତା ନାୟକ ପ୍ରମୁଖ ଚାଷୀଙ୍କ ଅଭିଯୋଗ ଅନୁସାରେ ସମ୍ପାଦକ ଅଖିଳ କୁମାର ଜେନା ଧାନ କିଣାରେ ଅନିୟମିତତା କରିଛନ୍ତି। ଚାଷୀମାନେ ଏଯାଏ ଟଙ୍କା ପାଇ ପାରୁନାହାନ୍ତି। ସମ୍ପାଦକ ଜେନା ଅନ୍ୟତ୍ର ବଦଳି ହେବା ପାଇଁ ଲାଗିଛନ୍ତି। ଧନେଶ୍ୱର ପାକ୍ସରେ ଚାଷୀମାନେ ଟଙ୍କା ପାଇବା ପର୍ଯ୍ୟନ୍ତ ତାଙ୍କୁ ଅନ୍ୟତ୍ର ବଦଳି କରା ନ ଯାଉ। ଏହି ସମିତିର ସମସ୍ତ ଅସୁବିଧାର ସମାଧାନ କରି ସାରିବା ପରେ ସେ ଅନ୍ୟତ୍ର ଯାଆନ୍ତୁ। ସମ୍ପାଦକ ଜେନା ଦୀର୍ଘ ସମୟ ହେଲା ଛୁଟିରେ ଅଛନ୍ତି। ପ୍ରତିଦିନ ଏଆରସିଏସ୍ ଅଫିସ୍‌ରେ ଯାଇ ବସୁଛନ୍ତି, କିନ୍ତୁ ମିଛରେ ମେଡିକାଲ କାରଣ ଦର୍ଶାଇ ଛୁଟିରେ ରହୁଛନ୍ତି। ଏଆରସିଏସ୍ ଓ ସିଇଓ ତାଙ୍କୁ ଘଣ୍ଟ ଘୋଡାଉଛନ୍ତି ବୋଲି ଚାଷୀମାନେ ଅଭିଯୋଗରେ ଦର୍ଶାଇଥିଲେ। ସେହିପରି ୫।୪।୨୦୨୧ରେ ଚାଷୀଙ୍କ ଅଭିଯୋଗ ଅନୁସାରେ ବଡ଼ଚଣା ପାକ୍ସର ଭାରପ୍ରାପ୍ତ ସମ୍ପାଦକ ବିକାଶ କୁମାର ସ୍ୱାଇଁ ୧୨୫, ୨୪୫, ୭୭, ୧୮୯, ୪୨୫, ୪୮୭, ୧୦, ୩୯, ୧୦୨, ୧୬୮, ୨୮୪, ୩୪୬, ୩୮୫, ୧୮୭, ୧୨୧, ୨୪୩, ୨୯୯, ୧୫୫, ୩୧, ୭୨ ଟୋକନ ନମ୍ବର ଜାଲିଆତି କରିଛନ୍ତି। ପୈତୃକ ଚାଷଜମିକୁ ଜାଲିଆତି କରି କେତେଜଣ ଲୋକଙ୍କ ନାମରେ ଧାନ କିଣାଯାଇଛି। ସମିତିରୁ ଟୋକନ ପାଇ ଧାନ ବିକ୍ରି କରିଥିବା ବ୍ୟକ୍ତିମାନେ ଏହି ଜମି ମାଲିକଙ୍କ ନାତି, ପୁତୁରା ଆଦି ସମ୍ପର୍କ ଥିବା ଦର୍ଶାଯାଇଛି। ତେବେ ବାସ୍ତବରେ ବେପାରୀମାନଙ୍କଠାରୁ ଲକ୍ଷାଧିକ ଟଙ୍କାର ଧାନ କିଣାଯାଇଛି। ଏହି ଅଭିଯୋଗ ମିଳିବା ପରେ ରାଜ୍ୟ ସମବାୟ ସମିତି(କ୍ରେଡିଟ୍)ର ଉପନିବନ୍ଧକ ତାଙ୍କ ପତ୍ରସଂଖ୍ୟା ୮୨୯୯/୨୦।୫।୨୦୨୧ରେ ଯାଜପୁର ଏଆରସିଏସ(ଆସିଷ୍ଟାଣ୍ଟ ରେଜିଷ୍ଟର ଅଫ କୋଅପରେଟିଭ ସୋସାଇଟି)ଙ୍କୁ ୭ ଦିନ ମଧ୍ୟରେ ତଦନ୍ତ କରି ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ତେବେ ତଦନ୍ତ ନ ହେବାରୁ ଏହାର ପ୍ରାୟ ୨ ମାସ ପରେ ପୁଣି ଉପନିବନ୍ଧକ ତାଙ୍କ ପତ୍ରସଂଖ୍ୟା ୧୦୦୭୯/୧୩।୭।୨୦୨୧ରେ ଉଦ୍‌ବେଗ ପ୍ରକାଶ କରି ତଦନ୍ତ ରିପୋର୍ଟ କାହିଁକି ଦାଖଲ ହେଲା ନାହିଁ ବୋଲି ପ୍ରଶ୍ନ କରିଥିଲେ। ଅନୁରୂପ ଭାବେ ଚାଷୀ ଚିନ୍ତାମଣି ଜେନା ଏବଂ ଅନ୍ୟ ୧୦ ଜଣ ଚାଷୀ ୩୦।୪।୨୦୨୧ରେ ଉପରୋକ୍ତ ଦୁର୍ନୀତି ସମ୍ପର୍କରେ ଅଭିଯୋଗ କରିଥିଲେ। ସେହି ଅଭିଯୋଗକୁ ଭିତ୍ତିକରି ସମବାୟ ସମିତିର ନିବନ୍ଧକ ତାଙ୍କ ପତ୍ରସଂଖ୍ୟା ୯୫୬୬/୩୦।୬।୨୦୨୧ ରେ ଡିଆରସିଏସ୍ କୁଳମଣି ପାଢ଼ୀଙ୍କୁ ସପ୍ତାହକ ମଧ୍ୟରେ ତଦନ୍ତ ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହାର ତଦନ୍ତ ପ୍ରକ୍ରିୟା ମଧ ସମ୍ପାଦକଙ୍କୁ ସୁହାଇଲା ଭଳି ଚାଲିଥିବା ଚାଷୀମାନେ ଅଭିଯୋଗ ଆଣିଛନ୍ତି।

ଏ ସଂକ୍ରାନ୍ତରେ ଯାଜପୁର ଏଆର୍‌ସିଏସ୍ ପ୍ରଶାନ୍ତ କୁମାର ମଲ୍ଲିକଙ୍କୁ ପଚାରିବାରେ ସେ କହିଛନ୍ତି, ଧନେଶ୍ୱର ପାକ୍ସର ଚାଷୀମାନଙ୍କୁ ପର୍ଯ୍ୟାୟକ୍ରମେ ତାଙ୍କ ଉଚିତ ପାଉଣା ପ୍ରଦାନ କରାଯାଉଛି। ବଡଚଣା ପାକ୍ସର ତଦନ୍ତ ଦାୟିତ୍ୱ ଡିଆର୍‌ସିଏସ୍‌ଙ୍କ ଦ୍ୱାରା ସମ୍ପାଦନ କରାଯାଉଛି। ବିଭାଗୀୟସ୍ତରରେ କୌଣସି ଅବହେଳା ହେଉନାହିଁ ବୋଲି ସେ କହିଛନ୍ତି।



ଲକ୍ଷ୍ମୀପୁର ଖେରି କୃଷକ ଗଣହତ୍ୟାର ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଏବଂ ୩ କୃଷି ଆଇନ ପ୍ରତ୍ୟାହାର ଦାବିରେ ସଂଯୁକ୍ତ କୃଷକ ମୋର୍ଚ୍ଚା ପକ୍ଷରୁ ଭୁବନେଶ୍ୱର ପିଏମ୍‌ଜିଠାରେ ମଙ୍ଗଳବାର ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

# ମୁନିଗୁଡ଼ାରେ ମାଓବାଦୀ ପୋଷ୍ଟର

- ମମିତା ମେହେର ହତ୍ୟାକାଣ୍ଡରେ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଦଣ୍ଡ ଦେବାକୁ ଦାବି
- ନୈତିକତା ଦୃଷ୍ଟିରୁ ମୁଖ୍ୟମନ୍ତ୍ରୀ ଇସ୍ତଫା ଦିଅନ୍ତୁ ବୋଲି ଉଲ୍ଲେଖ


ମାଓବାଦୀ ପୋଷ୍ଟର

ମୁନିଗୁଡ଼ା/ରାୟଗଡ଼ା ଅଫିସ, ୨୬।୧୦(ଡି.ଏନ୍.ଏ.)

ରାୟଗଡ଼ା ଜିଲା ମୁନିଗୁଡ଼ା ଥାନା ଅଧୀନ କୁମୁଡ଼ାବାଲି ଶିବମନ୍ଦିର ଯିବା ରାସ୍ତାରେ ଥିବା ଯାତ୍ରୀ ପ୍ରତୀକ୍ଷାଳୟ ସମ୍ମୁଖ ଅଞ୍ଚଳରେ ମଙ୍ଗଳବାର ୫ଟି ମାଓବାଦୀ ପୋଷ୍ଟର ଲାଗିଛି। ସିପିଆଇ ମାଓବାଦୀ ବଂଶଧାରା ଘୁମୁସୁରା ନାଗାବଳୀ ଡିଭିଜନାଲ କମିଟି ପକ୍ଷରୁ ଉକ୍ତ ପୋଷ୍ଟର ଲଗାଯାଇଛି।

ମମିତା ମେହେରଙ୍କ ହତ୍ୟା ପଛରେ ଥିବା ରାଜନେତା, ପୋଲିସ ଓ ଉଚ୍ଚ ପ୍ରଶାସନିକ ଅଧିକାରୀଙ୍କୁ କଠୋର ଦଣ୍ଡ ଦେବାକୁ ଉକ୍ତ ପୋଷ୍ଟରରେ ଦାବିକରାଯାଇଛି। ମମିତାଙ୍କ ଜଣେ ସମ୍ପର୍କୀୟଙ୍କୁ ଚାକିରି ଏବଂ ତାଙ୍କ ପରିବାରକୁ ୫୦ ଲକ୍ଷ ଟଙ୍କାର କ୍ଷତି ପୂରଣ ଦିଆଯାଉ ବୋଲି ଉଲ୍ଲେଖ ରହିଛି। ରାଜ୍ୟ ସରକାର ମହିଳାମାନଙ୍କୁ ସୁରକ୍ଷା ଦେବାରେ ବିଫଳ। ତେଣୁ ନୈତିକତା ଦୃଷ୍ଟିରୁ ମୁଖ୍ୟମନ୍ତ୍ରୀ ଇସ୍ତଫା ଦିଅନ୍ତୁ ବୋଲି ଉକ୍ତ ପୋଷ୍ଟରରେ ଉଲ୍ଲେଖ ରହିଛି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ମାଓବାଦୀ ପୋଷ୍ଟରଗୁଡିକୁ ଜବତ କରିଛି। ତେବେ ଏହି ମାଓବାଦୀ ପୋଷ୍ଟର ଅସଲି କି ନକଲି ତାହା ଜଣାପଡ଼ି ନ ଥିବା ବେଳେ ପୋଲିସ ଅଧିକ ତଦନ୍ତ ଜାରି ରଖିଥିବା ଏସ୍‌ଡିପିଓ ଆକାଶ ଚନ୍ଦ୍ର ସାହୁ କହିଛନ୍ତି।

# ମହିଳାଙ୍କୁ ଉପଯୁକ୍ତ ପ୍ରାପ୍ୟ ମିଳୁ: ଦିବ୍ୟଶଙ୍କର

ଭୁବନେଶ୍ୱର,୨୬।୧୦(ବ୍ୟୁରୋ)

ରାଜ୍ୟ ଖଦି ଭବନ ଅନ୍ତର୍ଗତ ଯେଉଁ ମହିଳାମାନେ ନିଜ ହାତରେ ସୂତା କାଟି ଲୁଗା ବୁଣୁଛନ୍ତି, ସେମାନଙ୍କୁ ଉପଯୁକ୍ତ ପ୍ରାପ୍ୟ ମିଳୁନାହିଁ ବୋଲି ମନ୍ତ୍ରୀ ଦିବ୍ୟଶଙ୍କର କହିଛନ୍ତି।

ମଙ୍ଗଳବାର ଭର୍ଚୁଆଲରେ ଅନୁଷ୍ଠିତ ଏମ୍‌ଏସ୍‌ଏମ୍‌ଇ ବୈଠକରେ ଯୋଗଦେଇ ଦିବ୍ୟଶଙ୍କର କହିଛନ୍ତି, ଖଦି ଭବନ ମହିଳାଙ୍କୁ ସ୍ୱାବଲମ୍ବୀ କରିବା ସହ ସ୍ୱାଭିମାନ ଓ ଆତ୍ମସମ୍ମାନ କ୍ଷେତ୍ରରେ କାର୍ଯ୍ୟ କରୁ। ଏହା ଏକ ବିଶ୍ୱସ୍ତରୀୟ କେନ୍ଦ୍ରରେ ପରିଣତ ହେଉ। ପ୍ରସ୍ତାବିତ ଖଦି ଭବନ ରାଜ୍ୟର ଏକ ପ୍ରମୁଖ ଗ୍ରାମୀଣ କଳାକୌଶଳର ପେଣ୍ଠସ୍ଥଳ ଭାବେ ପରିଗଣିତ ହେବା ଆବଶ୍ୟକ। ବିଶେଷଭାବରେ ମହିଳାଙ୍କୁ ଅଗ୍ରାଧିକାର ଭିତ୍ତିରେ କୁଟୀରଶିଳ୍ପ ଅନ୍ତର୍ଗତ ବିଭିନ୍ନ କାର୍ଯ୍ୟକୌଶଳ ତାଲିମ ପ୍ରଦାନ ନିମନ୍ତେ ଏଠାରେ ବ୍ୟବସ୍ଥା ଉପଲବ୍ଧ ହେବା ସହ ଏହାକୁ ଏକ ଅନନ୍ୟ କେନ୍ଦ୍ର ଭାବେ ଗଢ଼ି ତୋଳିବାକୁ ସେ ପରାମର୍ଶ ଦେଇଛନ୍ତି। ଏହାର ନିର୍ମାଣ କାର୍ଯ୍ୟକୁ ନିର୍ଦ୍ଧାରିତ ସମୟ ମଧରେ ଶେଷ କରିବା ପାଇଁ ସେ କହିଛନ୍ତି। ମହିଳାଙ୍କ ବିକାଶ ହେଲେ ଆମର ବଜାର ଚାହିଦା ବୃଦ୍ଧି ପାଇବ। ତେବେ ଯାଇ ବିଶ୍ୱସ୍ତରୀୟ ଖଦି ଭବନର ସ୍ୱପ୍ନ ସାକାର ହୋଇପାରିବ ବୋଲି ସେ କହିଛନ୍ତି। ହଳଦୀଚାଷୀ, ଅଦାଚାଷୀ, ତେନ୍ତୁଳି ସଂଗ୍ରହକାରୀଙ୍କୁ କେମିତି ବୈଷୟିକ ସହାୟତା ମିଳିପାରିବ ସେ ସମ୍ପର୍କରେ ଜିଲା ଶିଳ୍ପ ଅଧିକାରୀଙ୍କୁ ଅଧିକ ଯତ୍ନବାନ ହେବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ଏମ୍‌ଏସ୍‌ଏମ୍‌ଇ ବିଭାଗ ବିଭିନ୍ନ କାର୍ଯ୍ୟକ୍ରମରେ ସରଳ ଋଣ ବ୍ୟବସ୍ଥା, ସହଜ ବୈଷୟିକ ସହାୟତା ଯୋଗାଇ ଜିଲାର ଯୁବତୀ,ଯୁବକଙ୍କୁ ଆତ୍ମନିର୍ଭରଶୀଳ କରିବାକୁ ମନ୍ତ୍ରୀ ପରାମର୍ଶ ଦେଇଛନ୍ତି।

# ବିନା ଚିକିତ୍ସାରେ ବିଏସ୍‌କେୱାଇର ୫ ଲକ୍ଷ ହଡ଼ପ

## ଆନ୍ଧ୍ର ହସ୍ପିଟାଲ ନାଁରେ ଅଭିଯୋଗ କଲେ ରୋଗୀଙ୍କ ପରିବାର

ପାରଳାଖେମୁଣ୍ଡି,୨୬।୧୦(ଡି.ଏନ୍.ଏ.)

ଗଜପତି ଜିଲା କାଶୀନଗର ବ୍ଲକ ଅନ୍ତର୍ଗତ ଚୂଡଙ୍ଗପୁର ଗ୍ରାମର ଜଣେ ରୋଗୀଙ୍କ ପରିବାରବର୍ଗଙ୍କଠାରୁ ବିନା ଚିକିତ୍ସାରେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାର(ବିଏସ୍‌କେୱାଇ) ୫ ଲକ୍ଷ ଟଙ୍କା ଆନ୍ଧ୍ର ମେଡିକାଲ ହଡ଼ପ କରିଥିବା ଅଭିଯୋଗ ହୋଇଛି। ଚୂଡଙ୍ଗପୁର ଗ୍ରାମ ନିବାସୀ ତାଡେଲା ଆପାନ୍ନା (୫୧) ହଠାତ୍ ଅସୁସ୍ଥ ହୋଇପଡିବାରୁ ତାଙ୍କୁ ପାରଳାଖେମୁଣ୍ଡିସ୍ଥିତ ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ୩ ଦିନ ପରେ ତାଙ୍କୁ ବ୍ରହ୍ମପୁର ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ୮ ଦିନ ଧରି ରୋଗୀର ବିଭିନ୍ନ ପରୀକ୍ଷା, ନିରୀକ୍ଷା କରାଯିବା ପରେ ଆପାନ୍ନାଙ୍କୁ ସ୍ନାୟୁଜନିତ ରୋଗ ଥିବା ଜଣାପଡ଼ିଥିଲା। ଏହି ରୋଗ ଦୂର ଲାଗି ରୋଗୀଙ୍କୁ ଅନ୍ୟତ୍ର ସରକାରୀ ହସ୍ପିଟାଲ ନେବାପାଇଁ ଡାକ୍ତର ପରାମର୍ଶ ଦେଇଥିଲେ। ଏହା ଶୁଣି ପରିବାର ଲୋକେ ଆପାନ୍ନାଙ୍କୁ ଚୂଡଙ୍ଗପୁର ନେଇ ଆସିଥିଲେ। ଆପନ୍ନା ଜଣେ କ୍ଷୁଦ୍ର ଚାଷୀ ଓ ଗରିବ ଶ୍ରେଣୀର। ଏଭଳି ରୋଗର ଚିକିତ୍ସା ପାଇଁ ଲକ୍ଷାଧିକ ଟଙ୍କାର ଆବଶ୍ୟକତା ଥିବାରୁ ପରିବାର ଲୋକେ ବିଏସ୍‌କେୱାଇରେ ରୋଗୀର ଚିକିତ୍ସା କରାଇବା ପାଇଁ ଆନ୍ଧ୍ରର ବିଶାଖାପାଟଣାସ୍ଥିତ ମେଡିକାଲକୁ ନେଇଥିଲେ। ଆନ୍ଧ୍ର ଡାକ୍ତର ରୋଗୀ ଭଲ ହୋଇଯିବ ବୋଲି ପରିବାର ଲୋକଙ୍କୁ ପ୍ରତିଶ୍ରୁତି ଦେଇ ଆଇସିୟୁରେ ରଖିଥିଲେ। ହେଲେ ତା' ଭିତରେ କ'ଣ ଚିକିତ୍ସା କରାଯାଉଛି ସେ ବିଷୟରେ ପରିବାର ଲୋକଙ୍କୁ କିଛି ଜଣାଉନଥିଲେ। କେବଳ ଡାକ୍ତର ରାଉଣ୍ଡକୁ ଆସିଲା ବେଳେ ରୋଗୀର ସମ୍ପର୍କୀୟ ଜଣଙ୍କୁ ଦେଖିବା ପାଇଁ ୪/୫ ମିନିଟ ପାଇଁ ଭିତରକୁ ଛାଡୁଥିଲେ। ରୋଗୀଙ୍କ ଅବସ୍ଥା ସମ୍ପର୍କରେ ପଚାରିଲେ କିଛି ଉତ୍ତର ମିଳୁ ନ ଥିଲା। ଦୀର୍ଘ ୧୯ ଦିନଧରି ଆଇସିୟୁରେ ରଖିବା ପରେ ୫ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଚିକିତ୍ସା ବାବଦରେ ଖର୍ଚ୍ଚ ହୋଇଗଲାଣି, ତେଣୁ ରୋଗୀକୁ ତୁମେ ଘରକୁ ନେଇଯାଅ ବୋଲି ହସ୍ପିଟାଲ ପକ୍ଷରୁ କୁହାଯାଇଥିଲା। କେଉଁ ବାବଦରେ ଟଙ୍କା ଖର୍ଚ୍ଚ ହେଲା ବୋଲି ପଚାରିବାରୁ ସେମାନେ ରାଗିଯାଇ ଅସନ୍ତୋଷଜନକ ଉତ୍ତର ଦେଇଥିଲେ। ଆନ୍ଧ୍ରର ବିଶାଖାପାଟଣାଠାରେ ଥିବା ମେଡିକାଲ ନିରୀହ ଲୋକଙ୍କୁ ମିଥ୍ୟା ପ୍ରତିଶ୍ରୁତି ଦେଇ ଉପଯୁକ୍ତ ଚିକିତ୍ସା ନାଁରେ ଠକି ଲକ୍ଷାଧିକ ଟଙ୍କା ହଡ଼ପ କରୁଥିବା ପରିବାର ଲୋକ ଅଭିଯୋଗ କରିଛନ୍ତି। ବିନା ବିଲରେ ବିଏସ୍‌କେୱାଇର ୫ ଲକ୍ଷ ଟଙ୍କା ସହିତ ଆହୁରି ଅନ୍ୟାନ୍ୟ ବାବଦ ଖର୍ଚ୍ଚ ହୋଇଥିବା କହି ରୋଗୀଙ୍କ ସମ୍ପର୍କୀୟଙ୍କଠାରୁ ଟଙ୍କା ହଡ଼ପ କରାଯାଇଛି ବୋଲି ଅଭିଯୋଗ ହୋଇଛି। ବର୍ତ୍ତମାନ ରୋଗୀ ତାଡେଲାଙ୍କୁ ପାରଳାଖେମୁଣ୍ଡି ଡାକ୍ତରଖାନା ପରେ ଭୁବନେଶ୍ୱର ପଠାଯାଇଛି।

# ଭିତରକନିକାରେ ଲାଗିଲା କ୍ୟାମେରା

## ବନ୍ୟଜନ୍ତୁଙ୍କ ଗତିବିଧି, ଶିକାରୀଙ୍କ ଉପରେ ରଖିବ ନଜର

ରାଜନଗର, ୨୬।୧୦(ଡି.ଏନ.ଏ.)

ଭିତରକନିକା ଜାତୀୟ ଉଦ୍ୟାନରେ କ୍ୟାମେରା ଟ୍ରାପ ମାଧ୍ୟମରେ ବନ୍ୟଜନ୍ତୁମାନଙ୍କର ଗତିବିଧି ନିରୀକ୍ଷଣ ପ୍ରକ୍ରିୟା ଆରମ୍ଭ ହୋଇଛି। ପ୍ରଥମ ଦଫାରେ ରାଜନଗର ରେଞ୍ଜର ଘଞ୍ଚ ଜଙ୍ଗଲ ମଧ୍ୟରେ କ୍ୟାମେରା ଖଞ୍ଜା ଯାଇଛି। ବନ ବିଭାଗର କ୍ଷେତ୍ର କର୍ମଚାରୀମାନଙ୍କୁ ତାଲିମ ଦିଆଯାଉଛି। ପର୍ଯ୍ୟାୟକ୍ରମେ ରାଜନଗର ଲୁଣା ଜଙ୍ଗଲ ବନ୍ୟଜୀବ ବନଖଣ୍ଡ ଅଧୀନରେ ଥିବା ସମସ୍ତ ୫ଟି ରେଞ୍ଜର ଜଙ୍ଗଲ ମଧ୍ୟରେ କ୍ୟାମେରା ଲାଗିବ। ଚଳିତବର୍ଷ ପ୍ରଥମଥର ପାଇଁ ଏମ-ଷ୍ଟ୍ରାଇପ୍ସ ମୋବାଇଲ ଆପ୍‌ରେ ବନ୍ୟଜନ୍ତୁଙ୍କର ମନିଟରିଂ କରାଯିବ। ଏଥିସହ ବୋଟ ସାହାଯ୍ୟରେ ଭିତରକନିକା ଜୀବଜନ୍ତୁଙ୍କ ମନିଟରିଂ କରାଯିବ ବୋଲି ଡିଏଫ୍‌ଓ ଡ. ଯଜ୍ଞଦତ୍ତ ପତି ସୂଚନା ଦେଇଛନ୍ତି।

ରାଜନଗର ରେଞ୍ଜର ସୁନେଇ ରୂପେଇ, ରାଜାବନ୍ଧ, ଅଙ୍ଗାରି ଫରେଷ୍ଟ ବ୍ଲକ, ବରୁଣେଇ, ଦୋବନ୍ଧି, ଠାକୁରଡିଆ ଫରେଷ୍ଟ ବ୍ଲକ ମଧ୍ୟରେ କ୍ୟାମେରା ଖଞ୍ଜାଯାଇଛି। ପ୍ରଥମ ପର୍ଯ୍ୟାୟରେ ୨୦ଟି କ୍ୟାମେରା ଲାଗିଛି। ଜଙ୍ଗଲ ମଧ୍ୟରେ ଥିବା ଗଛରେ ଏହି କ୍ୟାମେରା ଲଗାଯାଇଛି। ଏହି କ୍ୟାମେରାରେ ୨ ମାସ ଯାଏଁ ଭିଡିଓ ଷ୍ଟୋରେଜ ହୋଇ ରହିପାରିବ। ଭିତରକନିକାରେ ଥିବା ଫିସିଂକ୍ୟାଟ, ବଣବିରାଡି, ଚିତାବିରାଡି, ବିଲୁଆ, ହେଟାବାଘ, ପାଣିଓଧ, ଗୋଧ, ଝିଙ୍କ ଆଦି ବନ୍ୟଜୀବଙ୍କ ଗତିବିଧି ନିରୀକ୍ଷଣ କରାଯିବ। ଭିତରକନିକାରେ ପ୍ରକୃତରେ ଏମାନଙ୍କ ସଂଖ୍ୟା କେତେ, ଏମାନଙ୍କ ଜୀବନଶୈଳୀ, ଏମାନଙ୍କର ଖାଦ୍ୟ କ'ଣ, କେଉଁ ଜୀବ ଏକୁଟିଆ ରହିବାକୁ ପସନ୍ଦ କରେ ଏବଂ କେଉଁ ବନ୍ୟଜୀବ ଦଳ ଦଳ ହୋଇ ରହିବାକୁ ପସନ୍ଦ କରନ୍ତି, ସବୁକିଛି କ୍ୟାମେରା ଟ୍ରାପ୍‌ରୁ ଜାଣି ହେବ। ରାଷ୍ଟ୍ରୀୟ ବ୍ୟାଘ୍ର ସଂରକ୍ଷଣ ପ୍ରାଧିକରଣ ଓ ଭାରତୀୟ ବନ୍ୟ ଜୀବ ସଂସ୍ଥା, ଡେରାଡୁନ ମାଧ୍ୟମରେ ବନ୍ୟଜୀବମାନଙ୍କର ଗତିବିଧି ନିରୀକ୍ଷଣ କରାଯାଉଛି। ଭାରତର ସୁନ୍ଦରବନ ମ୍ୟାନଗ୍ରୁଭ ଅଞ୍ଚଳରେ ଏହି କ୍ୟାମେରା ଟ୍ରାପ ଯୋଜନା ଆରମ୍ଭ ହୋଇଥିଲା। ସୁନ୍ଦରବନର ସଫଳତା ପରେ ଭିତରକନିକା ମ୍ୟାନଗ୍ରୁଭ ଅଞ୍ଚଳରେ ବନ୍ୟଜନ୍ତୁଙ୍କ ଗତିବିଧି ନିରୀକ୍ଷଣ ପାଇଁ କ୍ୟାମେରା ଖଞ୍ଜାଯାଇଛି। ଏହି କ୍ୟାମେରା ବନ୍ୟଜନ୍ତୁଙ୍କ ଗତିବିଧି ନିରୀକ୍ଷଣ କରିବା ସହ ଭିତରକନିକା ଜାତୀୟ ଉଦ୍ୟାନରେ ଅବାଧ ପ୍ରବେଶ କରୁଥିବା ଶିକାରୀଙ୍କ ଉପରେ ମଧ ଦୃଷ୍ଟି ରଖିବ। କେଉଁ ଫରେଷ୍ଟ ବ୍ଲକ ଅଞ୍ଚଳକୁ କିଏ କିଏ ଯାଇଛନ୍ତି। ସେମାନେ କିପରି ପ୍ରବେଶ କଲେ ଭିଡିଓ ଦେଖିବା ପରେ ଶିକାରୀଙ୍କ ସୂଚନା ବନ ବିଭାଗ ପାଇବା ସହ ଦୃଷ୍ଟି ରଖିବ। ନଭେମ୍ବରରେ ୫ଟି ରେଞ୍ଜର କ୍ଷେତ୍ର କର୍ମଚାରୀମାନଙ୍କୁ ଟ୍ରେନିଂ ସହ କିପରି ମୋବାଇଲ ଆପ୍‌ରେ ବନ୍ୟଜନ୍ତୁମାନଙ୍କ ଗତିବିଧି ନିରୀକ୍ଷଣ କରାଯିବ ଏ ସମ୍ପର୍କରେ ପ୍ରଶିକ୍ଷଣ ଦିଆଯିବ ବୋଲି ଡିଏଫ୍‌ଓ ଡ. ପତି ସୂଚନା ଦେଇଛନ୍ତି। କ୍ୟାମେରା ଲାଗିବା ପରେ ଏହାର ସୁଫଳ ମିଳିଛି।


ଗଛରେ କ୍ୟାମେରା ଲଗାଯାଉଛି।

### ଆନ୍ଧ୍ରରେ ବନ୍ଧା ...

ଗତବର୍ଷ ନିଜ ଗାଁ ଅଣ୍ଡାହାଲକୁ ଫେରିଥିବା ପଦ୍ମା ଶିଶା ଏବଂ ଶାନ୍ତି ବାଡ୍ରିଙ୍କ ଭଉଣୀ ଅସୁସ୍ଥତା ଯୋଗୁ ଜୀବନ ହାରିଛନ୍ତି। ଭଉଣୀଙ୍କ ମୃତ୍ୟୁ ପରେ ଶାନ୍ତିଙ୍କ ବାପାଙ୍କ ମଧ ମୃତ୍ୟୁ ହୋଇଥିଲା। ଘରର ଆର୍ଥିକ ସ୍ଥିତି ଭଲ ନ ଥିବାରୁ ଶାନ୍ତି ବାଧହୋଇ ଆନ୍ଧ୍ରକୁ ଦାଦାନ ଖଟିବାକୁ ଯାଇଥିଲେ। କିଛି ଦିନ କାମ କରିବା ପରେ ପୂର୍ବରୁ ଆନ୍ଧ୍ରକୁ ଯାଇଥିବା କେତେଜଣ ବଣ୍ଡା ଯୁବତୀଙ୍କୁ ଅନୈତିକ କାର୍ଯ୍ୟରେ ବ୍ୟବହାର କରାଯାଉଥିବା ସେ ଜାଣିବାକୁ ପାଇଥିଲେ। ଫଳରେ ଶାନ୍ତି ସେଠାରୁ ପଳାଇ ଆସି ନିଜ ଗାଁରେ ବହୁ ଅସୁବିଧାରେ ରହୁଛନ୍ତି।

ଦାଦନ ଖଟିବାକୁ ଯାଇଥିବା ଛାତ୍ରୀଛାତ୍ରଙ୍କ ନାମ ୩୦ଟି ବଣ୍ଡା ଗ୍ରାମର ବିଦ୍ୟାଳୟଗୁଡ଼ିକରେ ରହିଛି। ସେମାନେ ଅନ୍‌ଲାଇନ୍ ଶିକ୍ଷା ଗ୍ରହଣ କରୁଥିବା ଏବଂ ଶିକ୍ଷକମାନେ ଗ୍ରାମକୁ ଗ୍ରାମ ଯାଇ ଶିକ୍ଷାଦାନ କରୁଥିବା ଦର୍ଶାଯିବା ମିଥ୍ୟା ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ବଣ୍ଡାଘାଟି ବଡ଼ବେଲ ଗ୍ରାମର ସୋମା କିର୍ସାନୀ ଏବଂ ଅଣ୍ଡାହାଲର ମଣ୍ଡାବାର୍ଡ଼ି କହିଛନ୍ତି, ସେମାନଙ୍କ ଅଞ୍ଚଳର ବହୁ ନାବାଳିକା ଆନ୍ଧ୍ରର ଚିଙ୍ଗୁଡ଼ି ପ୍ରୋସେସିଂ ପ୍ଲାଣ୍ଟରେ କାମ କରନ୍ତି। ସେଠାରେ କାର୍ଯ୍ୟ କରିବାବେଳେ ବିଭିନ୍ନ କେମିକାଲ ଏବଂ ବରଫ ସଂସ୍ପର୍ଶରେ ଆସିବାକୁ ପଡ଼ିଥାଏ, ଯାହା ସେମାନଙ୍କ ପାଇଁ ହାନିକାରକ ହୋଇଥାଏ। ଏ ସମ୍ପର୍କରେ ମାଲକାନଗିରି ଜିଲାପାଳ ବିଶାଳ ସିଂଙ୍କ ସହ ଯୋଗାଯୋଗ କରାଯାଇଥିଲେ ହେଁ ତାଙ୍କ ପ୍ରତିକ୍ରିୟା ମିଳିପାରିନାହିଁ। ଜିଲା ଶ୍ରମ ଅଧିକାରୀ ମଦନ ମୋହନ ପାଇକଙ୍କୁ ପଚାରିବାରୁ ସେ କହିଛନ୍ତି, ଏ ନେଇ ଆମ ପାଖରେ କୌଣସି ଅଭିଯୋଗ ନାହିଁ । ଆମେ ଖଇରପୁଟଠାରେ ବଣ୍ଡା ଜନଜାତିର ମୁଖିଆ ଓ ବ୍ଲକସ୍ତରୀୟ ଅଧିକାରୀମାନଙ୍କୁ ନେଇ ବିଭିନ୍ନ ସମୟରେ ସଚେତନତା କାର୍ଯ୍ୟକ୍ରମ କରିଛୁ। ସେ ସବୁ ଅଞ୍ଚଳ ଅତି ଦୁର୍ଗମ ଓ ପାହାଡ଼ ଉପରେ ଥିବାରୁ ଲୋକେ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ସଚେତନ ହେଉନାହାନ୍ତି। ଅଭିଯୋଗ ଆସିଲେ ଏହାର ତଦନ୍ତ ହେବ ବୋଲି ପାଇକ କହିଛନ୍ତି।

ଜିଲା ଶିଶୁ ସୁରକ୍ଷା ଅଧିକାରୀ ନାରାୟଣ ଦାସଙ୍କୁ ପଚାରିବାରୁ ସେ କହିଛନ୍ତି ଯେ, ମାଲକାନଗିରି ଜିଲାରୁ ଶ୍ରମିକ ଚାଲାଣ କରୁଥିବା ଅନେକ ଦଲାଲଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଆମ ବିଭାଗ ବିଭିନ୍ନ ଅଞ୍ଚଳରେ ଲୋକଙ୍କୁ ସଚେତନ କରୁଛି। କରୋନା ସମୟରେ ମୃତ୍ୟୁ ଘଟିଥିବା ଲୋକଙ୍କ ଶିଶୁମାନଙ୍କ ତାଲିକା ପ୍ରସ୍ତୁତ କରି ସେମାନଙ୍କୁ ସରକାରୀ ସହାୟତା ଦେବା ବ୍ୟବସ୍ଥା କରୁଛୁ। ତେବେ ବଣ୍ଡାଘାଟିର ଘଟଣା ଆମ ଦୃଷ୍ଟିକୁ ଆସିନାହିଁ। ଏହାର ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଦାସ କହିଛନ୍ତି। ବଣ୍ଡାମାନଙ୍କ ଏହି ସମସ୍ୟାକୁ ନେଇ ଧରିତ୍ରୀ ଖବରଦାତା ଆଇନସେବା ପ୍ରାଧିକରଣଙ୍କ ନିକଟରେ ଏକ ଅଭିଯୋଗ କରିଛନ୍ତି। ଏହାକୁ ପ୍ରାଧିକରଣ ସଚିବ ରାକେଶ କୁମାର ମୁଦୁଲି ପଞ୍ଜୀକୃତ (ନଂ. ୪୮/୨୧) କରି ଏ ଦିଗରେ ପଦକ୍ଷେପ ନେବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

### ୧୫ ଜିଲାପାଳ ...

ଅଧିକ ରହିପାରେ । ରାଜ୍ୟର ୩୦ ଜିଲା ପରିଷଦ ଅଧ୍ୟକ୍ଷ ପଦବୀ ମଧ୍ୟରୁ ସଂଶୋଧିତ ବ୍ୟବସ୍ଥା ଅନୁଯାୟୀ ୧୫ ଆସନ ଅଣସଂରକ୍ଷିତ ରହିବ । ବିଭାଗ ପକ୍ଷରୁ ପ୍ରକାଶିତ ଚିଠା ବିଜ୍ଞପ୍ତିରେ ପଛୁଆବର୍ଗଙ୍କ ପାଇଁ ୪ ଜିଲା ସଂରକ୍ଷିତ ରଖାଯାଇଛି। ସେଗୁଡ଼ିକ ହେଲା ଅନୁଗୋଳ, କେନ୍ଦୁଝର, ଖୋର୍ଦ୍ଧା ଓ ଗଜପତି। ସେହିପରି ଅନୁସୂଚିତ ଜାତି ଓ ଜନଜାତି ପାଇଁ ୧୨ଟି ଜିଲାକୁ ସଂରକ୍ଷିତ

## ପ୍ରଥମ ପୃଷ୍ଠାରୁ..

ରଖାଯାଇଛି। ସେଗୁଡ଼ିକ ହେଲା କଳାହାଣ୍ଡି, ଝାରସୁଗୁଡ଼ା, ବୌଦ୍ଧ, ସମ୍ବଲପୁର, ବଲାଙ୍ଗୀର, ବରଗଡ଼, ଢେଙ୍କାନାଳ, କେନ୍ଦ୍ରାପଡ଼ା, ଗଞ୍ଜାମ, ଦେବଗଡ଼, ନୂଆପଡ଼ା ଓ ପୁରୀ। ସମୁଦାୟ ଅଧ୍ୟକ୍ଷ ଆସନରୁ ମହିଳାଙ୍କ ଲାଗି ୫୦ ପ୍ରତିଶତ ଆସନ ସଂରକ୍ଷିତ ରଖାଯାଇଛି।

ରାଜ୍ୟରେ ଥିବା ୩୧୪ଟି ପଞ୍ଚାୟତ ସମିତି ଅଧ୍ୟକ୍ଷ ପଦବୀ ଲାଗି ମଧ ଅତି ବେଶିରେ ୧୫୭ଟି ଆସନ ଅଣ ସଂରକ୍ଷିତ ରହିବ ଏବଂ ଅବଶିଷ୍ଟ ଆସନଗୁଡ଼ିକ ମଧ୍ୟରୁ ଅନୁସୂଚିତ ଜାତି ପାଇଁ ୫୦ରୁ ଅଧିକ ଏବଂ ଅନୁସୂଚିତ ଜନଜାତି ପାଇଁ ୭୦ରୁ ଅଧିକ ଆସନ ସଂରକ୍ଷିତ ରହିପାରେ । ଫଳରେ ପଞ୍ଚାୟତ ସମିତି ଅଧ୍ୟକ୍ଷ ପଦବୀ ଲାଗି ପଛୁଆବର୍ଗଙ୍କ ପାଇଁ ୩୦ରୁ ୩୩ ପର୍ଯ୍ୟନ୍ତ ଆସନ ରହିବ । ପଞ୍ଚାୟତ ସମିତି ଉପାଧ୍ୟକ୍ଷ ପଦବୀ ଲାଗି ମଧ ଅନୁରୂପ ସଂରକ୍ଷଣ ବ୍ୟବସ୍ଥା ହେବ । ସେହିପରି ରାଜ୍ୟର ୬୭୯୮ଟି ଗ୍ରାମପଞ୍ଚାୟତ ଲାଗି ପ୍ରତି ପଞ୍ଚାୟତରେ ଜଣେ ସରପଞ୍ଚ, ନାଏବ ସରପଞ୍ଚ ଓ ସମିତି ସଭ୍ୟ ନିର୍ବାଚିତ ହେବେ । ଏ କ୍ଷେତ୍ରରେ ବି ଅନୁରୂପ ସଂରକ୍ଷଣ ବ୍ୟବସ୍ଥା ଲାଗୁ ହେବ ।

### ସତ କହିବାରୁ ବଦଳି...

କରାଯିବା ଦିନ ଗୋଆ ସରକାର ଦୋକାନୀମାନଙ୍କୁ ଜରୁରୀ ସାମଗ୍ରୀ ବିକ୍ରି ପାଇଁ ଅନୁମତି ଦେଇ ନ ଥିଲେ। କିନ୍ତୁ ଗୋଆ ସରକାରଙ୍କୁ ଟଙ୍କା ଦେଇଥିବା ଏକ ନିର୍ଦ୍ଦିଷ୍ଟ କମ୍ପାନୀକୁ ଘର ଘର ବୁଲି ନିଜ ସାମଗ୍ରୀ ବିକ୍ରି କରିବାକୁ ଅନୁମତି ଦିଆଯାଇଥିଲା। ଗୋଆ ସରକାର ସବୁଥିରେ ଦୁର୍ନୀତି କରୁଛନ୍ତି ବୋଲି କଂଗ୍ରେସ ପକ୍ଷରୁ ଅଣାଯାଉଥିବା ଅଭିଯୋଗକୁ ସତ୍ୟପାଲ ସ୍ୱୀକାର କରିଛନ୍ତି। ସତ୍ୟପାଲ ଦୁର୍ନୀତି ସମ୍ପର୍କରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଅବଗତ କରାଇଥିଲେ ହେଁ ସେ ଦିଗରେ କିଛି କାର୍ଯ୍ୟାନୁଷ୍ଠାନ ହୋଇନାହିଁ। ଭ୍ରଷ୍ଟାଚାରୀ ଭାଜପା ସରକାରକୁ ହଟାଇବା ପରିବର୍ତ୍ତେ ସତ୍ୟପାଲଙ୍କୁ ଗୋଆରୁ ମେଘାଳୟକୁ ବଦଳି କରି ଦିଆଯାଇଥିଲା। ଏହାବାଦ୍ ଗୋଆ ସରକାର ମହାମାରୀ ସମୟରେ ବେଆଇନ ମାଇନିଂ ଟ୍ରକ୍‌ଗୁଡ଼ିକୁ ଚଳାଚଳ ପାଇଁ ଅନୁମତି ଦେଇଥିଲେ। ଏଥିଯୋଗୁ ରାଜ୍ୟରେ ସଂକ୍ରମଣ ବୃଦ୍ଧି ହୋଇଥିଲା ବୋଲି ସୂର୍ଯ୍ୟେୱାଲା ସମାଲୋଚନା କରିଛନ୍ତି। ପ୍ରଧାନମନ୍ତ୍ରୀ ପ୍ରତ୍ୟକ୍ଷ ଭାବେ ଦୁର୍ନୀତିଗ୍ରସ୍ତଙ୍କୁ ସୁରକ୍ଷା ଦେଉଛନ୍ତି ବୋଲି ଦୀନେଶ ଅଭିଯୋଗ ଆଣିଛନ୍ତି।

### ଯାତ୍ରୀ ପରିବହନ ...

ସଂଘ ପକ୍ଷରୁ ଦାବି କରାଯାଇଛି। ମୋଟର ଯାନ ଆଇନ ଅନୁଯାୟୀ ଯାତ୍ରୀବାହୀ ବସ୍‌ଗୁଡ଼ିକର ପରମିଟ ନବୀକରଣ କ୍ଷେତ୍ରରେ ଅଙ୍କୁଶ ଲଗାଯାଇଛି। ଏହାକୁ ପରିବର୍ତ୍ତନ କରି ସ୍ଥାୟୀ ପରମିଟ ଦେବା, ସମସ୍ତ ସ୍ଲିପର ସୁବିଧା ଥିବା ବସ୍‌କୁ ଦିନରେ ଚଳାଚଳ କରିବାକୁ ଅନୁମତି ଦେବା, ତୃତୀୟ ପକ୍ଷଙ୍କୁ ମାଲିକାନା ହସ୍ତାନ୍ତର କରିବାକୁ ସୁଯୋଗ ପ୍ରଦାନ କରିବା, ବେଆଇନ ଭାବେ ମୋ' ବସ୍ ବିଭିନ୍ନ ଅଞ୍ଚଳରେ ଚଳାଚଳ କରୁଥିବାରୁ ସେହି ଅଞ୍ଚଳର ବସ୍‌ଗୁଡ଼ିକ କ୍ଷତିଗ୍ରସ୍ତ ହେଉଛି। ଏହାକୁ ତୁରନ୍ତ ବନ୍ଦ କରିବା ଆଦି ୭ ଦଫା ଦାବି କରାଯାଇଛି ବୋଲି ସଂଘର ମୁଖପାତ୍ର ଦେବାଶିଷ ନାୟକ କହିଛନ୍ତି। ବୈଠକରେ ସଂଘର ସଭାପତି ଲୋକନାଥ ପାଣି ଅଧ୍ୟକ୍ଷତା କରିଥିବା ବେଳେ ସାଧାରଣ ସମ୍ପାଦକ ଦେବେନ୍ଦ୍ର ସାହୁ, କୋଷାଧ୍ୟକ୍ଷ ବରଦା ପ୍ରସନ୍ନ ଆଚାର୍ଯ୍ୟ, ସହକୋଷାଧ୍ୟକ୍ଷ ଅଜୟ କୁମାର ବାରିକ ପ୍ରମୁଖ ଉପସ୍ଥିତ ଥିଲେ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ବୁଧବାର, ୨୭ ଅକ୍ଟୋବର, ୨୦୨୧

## ୩୭ କନ୍‌ଷ୍ଟେବଲଙ୍କୁ ବଦଳି

**ନୟାଗଡ଼ ଅଫିସ:** ନୟାଗଡ଼ ଜିଲାର ବିଭିନ୍ନ ଥାନା ଓ ଫାଣ୍ଡିରେ କାର୍ଯ୍ୟରତ ଥିବା ୩୭ କନ୍‌ଷ୍ଟେବଲଙ୍କୁ ବଦଳି କରିବା ପାଇଁ ପୋଲିସ ମୁଖ୍ୟାଳୟ, କଟକରୁ ଅନୁମୋଦନ ମିଳିଥିଲା। ଏହାକୁ ନେଇ ମଙ୍ଗଳବାର ନୟାଗଡ଼ ଆରକ୍ଷୀ ଅଧୀକ୍ଷକ ସିଦ୍ଧାର୍ଥ କଟାରିଆ ୩୭ଜଣ କନ୍‌ଷ୍ଟେବଲଙ୍କୁ ବିଭିନ୍ନ ଜିଲାକୁ ବଦଳି କରିଥିବା ସୂଚନା ମିଳିଛି।



## ସଂକ୍ଷେପରେ

### ନୂଆ ପରିଚାଳନା କମିଟି ଗଠିତ

**ନୟାଗଡ଼ ଅଫିସ,୨୬।୧୦:** ନୟାଗଡ଼ସ୍ଥିତ ଏନଏସି ଉଚ୍ଚ ବିଦ୍ୟାଳୟର ପରିଚାଳନା କମିଟି ମଙ୍ଗଳବାର ବିଦ୍ୟାଳୟ ପରିସରରେ ଗଠିତ ହୋଇଯାଇଛି। ଏଥିରେ ସଭାପତି ଭାବେ ଲକ୍ଷ୍ମୀଧର ମହାନ୍ତି ସର୍ବସମ୍ମତି କ୍ରମେ ନିର୍ବାଚିତ ହୋଇଥିବା ବେଳେ ଶିଳ୍ପୀରାଣୀ ନାୟକ ଉପସଭାପତି ଭାବେ ନିର୍ବାଚିତ ହୋଇଛନ୍ତି। ପ୍ରଧାନ ଶିକ୍ଷକ କୈଳାସ ଚନ୍ଦ୍ର କରଙ୍କ ସଂଯୋଜନା ତଥା ମୋ ବିଦ୍ୟାଳୟ ସଭାପତି ଲକ୍ଷ୍ମୀଧର ମହାପାତ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ବୈଠକରେ ବିଦ୍ୟାଳୟର ଶତାଧିକ ଅଭିଭାବକ ଯୋଗଦାନ କରି କମିଟି ଗଠନ ପ୍ରକ୍ରିୟାରେ ଅଂଶ ଗ୍ରହଣ କରିଥିଲେ। ନିୟମାନୁସାରେ କମିଟିକୁ ୬ଜଣ ପୁରୁଷ ଏବଂ ୬ଜଣ ମହିଳା ସଦସ୍ୟ ନିର୍ବାଚିତ ହୋଇଛନ୍ତି।

### ହତ୍ୟା ଉଦ୍ୟମ ମାମଲା, ଅଭିଯୁକ୍ତ ଗଲେ ଜେଲ

**ଦିଗପହଣ୍ଡି,୨୬।୧୦(ଡି.ଏନ.ଏ.):** ହତ୍ୟା ଉଦ୍ୟମ ମାମଲାରେ ଗଞ୍ଜାମ ଜିଲା କେ.ନୂଆଗାଁ ପୋଲିସ ମଙ୍ଗଳବାର ବୁଢ଼ାଡେପ ଗ୍ରାମର କୃଷ୍ଣଚନ୍ଦ୍ର ପାଇକଙ୍କୁ ମଙ୍ଗଳବାର କୋର୍ଟ ଚାଲାଣ କରିଛି। ଥାନା ମାମଲା ନଂ.୨୧୬/୨୧ ଅନୁଯାୟୀ ଜାମିନ ଆବେଦନ ନାମଞ୍ଜୁର ହେବାରୁ ଅଭିଯୁକ୍ତଙ୍କୁ ଦିଗପହଣ୍ଡି ସବ୍ ଜେଲକୁ ପଠାଯାଇଛି। ଗତ ରବିବାର ରାଇପୁର ଗ୍ରାମର ଅମିୟ କୁମାର ପାଢ଼ୀ ଓରଫ ସିଲୁ ଏବଂ ୨ ଝିଆରୀଙ୍କୁ ନେଇ ନିକଟସ୍ଥ ଗୁମା ଗ୍ରାମରେ ଭୋଜି ଖାଇ ଗାଁକୁ ଫେରୁଥିଲେ। ବୁଢ଼ାଡେପ ଗାଁ ନିକଟ କେନାଲ ନିକଟରେ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି କୃଷ୍ଣଚନ୍ଦ୍ର ଏବଂ ତାଙ୍କ ଭାଇ ରାମଚନ୍ଦ୍ର ହାତରେ କାତି, ଲୁହା ହାତୁଡି ଧରି ଅମିୟଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ଏପରିକି ନିର୍ଦ୍ଦୟ ଭାବେ ଛୁଆ ୨ ଟିକୁ କେନାଲ ହିଡକୁ ଫୋପାଡି ଦେଇଥିବା ଏତଲାରେ ଉଲ୍ଲେଖ ରହିଛି। ସେହିପରି ଅମିୟଙ୍କ ସାଙ୍ଗରେ ଥିବା କବି ପାଇକଙ୍କୁ ମଧ ୨ ଭାଇ ଘାତକ ଆକ୍ରମଣ କରିଥିବା ପ୍ରାଥମିକ ତଦନ୍ତରୁ ଜଣାପଡିଛି।

### ୨ ଭାଇଙ୍କ ମଧ୍ୟରେ ଆକ୍ରମଣ ପ୍ରତିଆକ୍ରମଣ, ୪ ଗିରଫ

**ଗୋପାଳପୁର,୨୬।୧୦(ଡି.ଏନ.ଏ.):** ଦୁଇ ଭାଇଙ୍କ ମଧ୍ୟରେ ଆକ୍ରମଣ ଓ ପ୍ରତିଆକ୍ରମଣ ମାମଲାରେ ମଙ୍ଗଳବାର ଗୋପାଳପୁର ଥାନା ପୋଲିସ ଦୁଇଟି ମାମଲାରେ ୪ ଜଣଙ୍କୁ କୋର୍ଟଚାଲାଣ କରିଛି। ସେମାନେ ହେଲେ ଗୋପାଳପୁର ଅଞ୍ଚଳର ଜି.ଆପନ୍ନା, ଜି.କ୍ରୀଷ୍ଣା, ଜି.ରାମାରାଓ ଓ ତାଙ୍କ ପୁଅ ଜି.ସୀମାଞ୍ଚଳ। ଗୋପାଳପୁର ଅଞ୍ଚଳର ଜି. ରାମାରାଓ ଓ ଜି.ଆପନ୍ନାଙ୍କ ମଧ୍ୟରେ ପୂର୍ବ ଶତ୍ରୁତା ଲାଗି ରହିଥିଲା। ସୋମବାର ରାତି ୧୦ଟାରେ ଜି.ସୀମାଞ୍ଚଳ ସମୁଦ୍ରକୁ ମାଛ ମାରିବାକୁ ଯାଉଥିବା ବେଳେ ଜି.ଆପନ୍ନା, ଜି.କ୍ରୀଷ୍ଣା ଓ ଅନ୍ୟମାନେ ମିଶି ସୀମାଞ୍ଚଳଙ୍କୁ ନିସ୍ତୁକ ମାଡ଼ ମାରିଥିଲେ। ପରେ ସୀମାଞ୍ଚଙ୍କ ମା ଜି.ଲକ୍ଷ୍ମୀଆମ୍ମା ଓ ରାମାରାଓ ତାଙ୍କୁ ଉଦ୍ଧାର କରିବାକୁ ଯାଇଥିବା ବେଳେ ଲକ୍ଷ୍ମୀଙ୍କୁ ଟଣାଓଟରା କରିବା ସହ ରାମାରାଓଙ୍କୁ ମଧ ମାଡ଼ ମାରିଥିବା ନେଇ ଅଭିଯୋଗ କରିଥିଲେ। ଏନେଇ ନଂ ୧୫୪/୨୧ରେ ପୋଲିସ ମାମଲା ରୁଜୁ କରିଥିଲା। ଜି.ଆପନ୍ନା ମଧ ଘରକୁ ଫେରୁଥିବା ବେଳେ ସୀମାଞ୍ଚଳ, ରାମାରାଓ ଓ ଅନ୍ୟ କିଛି ବ୍ୟକ୍ତି ତାଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ଏହି ମାମଲାରେ ନଂ.୧୫୬/୨୧ରେ ମାମଲା ରୁଜୁ ହୋଇଛି। ଆକ୍ରମଣ ଓ ପ୍ରତିଆକ୍ରମଣରେ ୪ ଜଣ ଆହତ ହୋଇଥିଲେ।

### ବାଇକ୍ ସହ କାଠପଟା ଜବତ

**ପାତ୍ରପୁର,୨୬।୧୦(ଡି.ଏନ.ଏ):** ସାମନ୍ତିଆପଲ୍ଲୀ ରେଞ୍ଜ ତୁରୁବୁଡି ପଞ୍ଚାୟତ ଲିମିଗାଁ ରାସ୍ତାରେ ମଙ୍ଗଳବାର ଭୋରରେ ଜଙ୍ଗଲ ବିଭାଗ ଚଢ଼ାଉକରି ଚୋରାରେ ନେଉଥିବା କାଠପଟା ଜବତ କରିଛି। ଏହି ଘଟଣାରେ ଜଣେ ବ୍ୟକ୍ତିଙ୍କୁ ଗିରଫ କରାଯାଇଛି। ଅଭିଯୁକ୍ତ ବାଇକ୍ ଯୋଗେ ତିନି ସିଆଫ୍ଟ ଅଳନ୍ଧୁ କାଠପଟା ଧରି କେନାଲ ପଥରେ ଯାଉଥିବା ଖବର ତୁରୁବୁଡି ବନପାଳଙ୍କ ନିକଟରେ ପହଞ୍ଚିଥିଲା। ବନପାଳ ଗିରିଶଚନ୍ଦ୍ର ରାୟଙ୍କ ନେତୃତ୍ୱରେ ଟିମ ପହଞ୍ଚି ଗାଡି ସହିତ କାଠ ଜବତ କରିଥିଲେ। ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଥିବା ରେଞ୍ଜର ରଜତ କୁମାର ମିଶ୍ର ସୂଚନା ଦେଇଛନ୍ତି।

### ରାଜସ୍ୱ ନୀରିକ୍ଷକଙ୍କୁ ଆକ୍ରମଣ ମାମଲା, ଅଭିଯୁକ୍ତ ଗିରଫ

**ଦିଗପହଣ୍ଡି,୨୬।୧୦(ଡି.ଏନ.ଏ.):** ଦିଗପହଣ୍ଡି ପୋଲିସ ଚୁଡୁଙ୍ଗପୁର ଗ୍ରାମର ଟ୍ରାକ୍ଟର ଚାଳକ ଏ. ଭରତ ପାତ୍ରଙ୍କୁ ମଙ୍ଗଳବାର କୋର୍ଟ ଚାଲାଣ କରିଛି। ଥାନା ମାମଲା ନଂ.୨୮୧/୨୧ ଅନୁଯାୟୀ ଜାମିନ ନାମଞ୍ଜୁର ହେବାରୁ ଅଭିଯୁକ୍ତଙ୍କୁ ଦିଗପହଣ୍ଡି ସବ୍ ଜେଲକୁ ପଠାଯାଇଛି। ସାନଖେମୁଣ୍ଡି ତହସିଲ ଅଧିନସ୍ଥ ପାଟପୁର ରାଜସ୍ୱ ସର୍କଲରେ କାର୍ଯ୍ୟରତ ରାଜସ୍ୱ ନୀରିକ୍ଷକ ଅନ୍ତର୍ଯ୍ୟାମୀ ନାହକଙ୍କୁ ଚୁଡଙ୍ଗପୁର ଗ୍ରାମର ଟ୍ରାକ୍ଟର ଚାଳକ ଏ.ଭରତ ରବିବାର ଅପରାହ୍ନରେ ଘାତକ ଆକ୍ରମଣ କରିଥିବା ଅଭିଯୋଗ ହୋଇଥିଲା। ଏନେଇ ସୋମବାର ସାନଖେମୁଣ୍ଡି ତହସିଲଦାର ଡ.ଶ୍ରୀନିବାସ ବେହେରା ଦିଗପହଣ୍ଡି ଥାନାରେ ପହଞ୍ଚି ଏତଲା ଦେଇଥିଲେ।

# ୧୦ ଟଙ୍କା ଅଦାରୁ ବାର୍ଷିକ ଅମଳ ୩ ଲକ୍ଷ

## ସଫଳ ଚାଷୀ ବଙ୍ଗର

**ଫୁଲବାଣୀ ଅଫିସ, ୨୬।୧୦**

କନ୍ଧମାଳ ଜିଲା ଫିରିଙ୍ଗିଆ ବ୍ଲକର ଚାଷୀ ବଙ୍ଗର କହଁର ନିଜ ପ୍ରଚେଷ୍ଟାରୁ ଧୀରେ ଧୀରେ ଚାଷରେ ହୋଇଛନ୍ତି ସଫଳ। ବଜାରରୁ ୧୦ ଟଙ୍କାରେ ଆସିଥିବା ଅଦାରୁ ହୋଇଛି ତାଙ୍କର ସ୍ୱତନ୍ତ୍ର ପରିଚୟ। ୧୦ ଟଙ୍କା ଅଦା ଆଣି ନିଜ ବାଡିରେ ଲଗାଇ ଆରମ୍ଭ ହୋଇଥିବା ଏହି ଚାଷ ଏବେ ବେଉଷାରେ ପରିଣତ ହୋଇଛି । ବର୍ଷକୁ ୩ରୁ ୪ କୁଇଣ୍ଟାଲ ଅଦା ଉତ୍ପାଦନ କରି ବଙ୍ଗର ଆର୍ଥିକ ଭାବେ ସ୍ୱଚ୍ଛଳ ହେବା ସହ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି। ଏହି ଅଭିଯାନ ମାତ୍ର ୩ ବର୍ଷରେ ସମ୍ଭବ ହୋଇପାରିଛି ।

ପ୍ରାୟ ୩ ବର୍ଷ ତଳେ ବଙ୍ଗରଙ୍କ ସ୍ତ୍ରୀ ଭାନୁମତୀ ଫିରିଙ୍ଗିଆ ସାପ୍ତାହିକ ହାଟକୁ ଜିନିଷପତ୍ର କିଣିବା ପାଇଁ ଯାଇଥିଲେ। ସେଠାରେ କିଣା କିଣି ସରିବା ପରେ ଘରକୁ ଫେରିଥିଲେ। ସାଥିରେ ପରିବା ସହ ୧୦ ଟଙ୍କାର ଅଦା ଆଣିଥିଲେ। ସେହି ଅଦାକୁ ରୋଷେଇରେ ବ୍ୟବହାର କରିଥିଲେ। ସେଥିରୁ କିଛି ବାରିପଟ ଖତ ଗଦାରେ ପୋତି ଦେଇଥିଲେ ବଙ୍ଗର। କିଛି ଦିନ ପରେ ସେହି ସ୍ଥାନରେ ମାଡି ଯାଇଥିଲା ଅଦା ଗଛ। ଅଦାକୁ ଏଭଳି ବଢିବା ଦେଖି ବଙ୍ଗରଙ୍କ ପରିବାର ଏହାର ଯତ୍ନ ନେବା ଆରମ୍ଭ କରିଥିଲେ। ୨୦୧୮ରେ ମାତ୍ର ୫ କେଜି ଅଦା ଅମଳ ହୋଇଥିଲା। ୨୦୧୯ରୁ ସେ ବିଧିବଦ୍ଧ ଭାବେ ଚାଷ କରିବା ଆରମ୍ଭ କରିଥିଲେ। ଚଳିତ ବର୍ଷ ବଙ୍ଗର ପାଖାପାଖି ୪ କୁଇଣ୍ଟାଲ ଅଦା ଉତ୍ପାଦନ କରିଛନ୍ତି। ଏହାକୁ ବଜାରରେ ବିକ୍ରି କରି ବଙ୍ଗର ଆର୍ଥିକ ଭାବେ ସ୍ୱଚ୍ଛଳ ହୋଇଛନ୍ତି। ତାଙ୍କ ପରିବାର ବେଶ ଭଲରେ ଚଳୁଛି। ପୂର୍ବରୁ କିଲୋ ପିଛା ୧୦୦ରୁ ୧୨୦ ଟଙ୍କା ପର୍ଯ୍ୟନ୍ତ ଦରରେ ବିକ୍ରି କରୁଥିଲେ। କରୋନା କାରଣରୁ ଏବେ ଦର୍ କମିଛି। ତଥାପି ବଙ୍ଗରଙ୍କ ଅଦାର ଚାହିଦା ସମ୍ପୃକ୍ତ ଅଞ୍ଚଳରେ କମିନି। ବାର୍ଷିକ ଲକ୍ଷାଧିକ



ଅଦା ଚାଷ।

ଟଙ୍କା ଏଥିରୁ ରୋଜଗାର ହେଉଛି।

ବଙ୍ଗରଙ୍କ ଏକମାତ୍ର ଝିଅ ଚିନୁମା କହଁର ନୟାଗଡ଼ କଲେଜରେ ଯୁକ୍ତ ଦୁଇ ଶ୍ରେଣୀର ଛାତ୍ରୀ। ବଙ୍ଗର ଭଲ ରୋଜଗାର କରିବାରୁ ଝିଅକୁ ବାହାରେ ପାଠ ପଢ଼ାଇବାରେ ସକ୍ଷମ ହୋଇଛନ୍ତି । ଇଚ୍ଛା ଅଛି ଝିଅକୁ ଆହୁରି ଉଚ୍ଚ ଶିକ୍ଷା ଦେବାକୁ । ବଙ୍ଗରଙ୍କ ରହିଛି ପ୍ରାୟ ୩ ଏକର ଜମି। ଖାଲି ଅଦା ଚାଷ ନୁହେଁ, ପନିପରିବା ସହ ଆମ୍ବ ଚାଷ ମଧ କରି ଭଲ ରୋଜଗାର କରୁଛନ୍ତି। ଜିଲାର ଅନ୍ୟ ସବୁ ସ୍ଥାନ ଭଳି ଏଠାରେ ବି ରହିଛି ଜଳସେଚନର ସମସ୍ୟା । ନିକଟସ୍ଥ ନାଳ ଓ ପଡୋଶୀ ମାନଙ୍କ ଠାରୁ ପାଣି ଆଣି ଚାଷ କାମ ଚଳାଉଛନ୍ତି ବଙ୍ଗର । ନିଜ ଜମିରେ କୂଅଟିଏ ଖୋଳିବା ପାଇଁ ଆବେଦନ କରିଛନ୍ତି। କିନ୍ତୁ ବର୍ତ୍ତମାନ ଯାଏ କୂଅ ଖୋଳାଯାଇ ପାରିନାହିଁ। ତେବେ ବଙ୍ଗରଙ୍କ ଏହି ଅଦା ଚାଷ ସମ୍ପୃକ୍ତ ଅଞ୍ଚଳରେ ଏକ ଅଲୋଚ୍ୟ ବିଷୟ ହୋଇଛି। ଅପରପକ୍ଷରେ ଆବଶ୍ୟକୀୟ ସରକାରୀ ସହାୟତା ମିଳିଲେ ଆହୁରି ଅଧିକ ପରିମାଣର ଉତ୍ପାଦନ କରି ପାରନ୍ତେ ବୋଲି ବଙ୍ଗର କହିଛନ୍ତି। ସେହିପରି ବଙ୍ଗରଙ୍କ ଆବେଦନ ଅନୁସାରେ କୂଅ ଖୋଳାଯିବା ପାଇଁ ଅନୁମୋଦନ କରାଯାଇଛି । ନିକଟରେ କୂଅ ଖୋଳାଯିବ ବୋଲି ଫିରିଙ୍ଗିଆ ବିଡିଓ ରଶ୍ମିରଞ୍ଜନ ମହନ୍ତ ସୂଚନା ଦେଇଛନ୍ତି।

## ବାଇକ୍ ଦୁର୍ଘଟଣାରେ ନାବାଳକ ମୃତ

**ନୂଆଗଡ,୨୬।୧୦**

ନୂଆଗଡ଼ ବ୍ଲକ ଦୋଘରିଆ ଗାଁ ନିକଟରେ ମଙ୍ଗଳବାର ଏକ ବାଇକ ଦୁର୍ଘଟଣାରେ ଜଣେ ନାବାଳକଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣେ ଗୁରୁତର ହୋଇଛନ୍ତି। ମୃତକ ଜଣକ ହେଲେ ମନୁ କାର୍ଜୀ (୧୭)। ସକାଳୁ ମୁରିସିଂ ଗ୍ରାମର ସଲମନ ରଇତଙ୍କ ପୁଅ ଭାସ୍କୋଡା ରଇତ (୧୭) କୌଣସି କାମରେ ସାଙ୍ଗ ମନୁଙ୍କ ସହ ବାଇକରେ ନୂଆଗଡ ଯାଇଥିଲେ। ସେଠାରୁ ଫେରୁଥିବା ବେଳେ ଦୋଘରିଆ ନିକଟରେ ଏକ ପଥରରେ ବାଇକଟି ପିଟି ହୋଇଯାଇଥିଲା। ଫଳରେ ମନୁଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଥିବା ବେଳେ ଭାସ୍କୋଡା ଗୁରୁତର ହୋଇଥିଲେ। ତାଙ୍କୁ ଖଜୁରିପଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ସେରଙ୍ଗ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ନଂ ୭୫/୨୧ରେ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଛି।

## ଚୋରି ଘଟଣା, ୩ ଗିରଫ

**ପାରଳାଖେମୁଣ୍ଡି,୨୬।୧୦(ଡି.ଏନ୍.ଏ.)**

ପାରଳାଖେମୁଣ୍ଡି ସ୍ଥିତ ରାମେଶ୍ୱର ଶନି ମନ୍ଦିରରୁ ହୁଣ୍ଡିଭାଙ୍ଗି ଲୁଟିଥିବା ୩ଜଣ ଲୁଟେରାଙ୍କୁ ସ୍ଥାନୀୟ ପୋଲିସ ମଙ୍ଗଳବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ପାରଳାଖେମୁଣ୍ଡି ରେଲି ସାହିର ରୋହିତ ଶ୍ରୀରାମ, କିରଣ ବାଦା ଏବଂ ଗଜପତି ଜିଲା ରାୟଗଡ଼ ବ୍ଲକ ଜିରାଙ୍ଗର ବିଶ୍ୱନାଥ ପାଇକ। ଗତ ୧୪ରେ ଗଜପତି ଷ୍ଟାଡିୟମ ନିକଟରେ ମୁଖ୍ୟ ରାସ୍ତା କଡ଼ରେ ରହିଥିବା ରାମେଶ୍ୱର ଶନିଦେବ ମନ୍ଦିରର ହୁଣ୍ଡି ଭାଙ୍ଗି ଲୁଟ ହୋଇଥିଲା। ଏ ନେଇ ପାରଳା ପୋଲିସ ତଦନ୍ତ ଆରମ୍ଭ କରି ୩ ଅଭଯୁକ୍ତଙ୍କୁ ଗିରଫ କରିଥିଲେ। ସେମାନଙ୍କ ନିକଟରୁ କିଛି ଲୁଟ୍ ସାମଗ୍ରୀ ମଧ ଜବତ ହୋଇଛି।

# ଗେଣ୍ଡାଳିଆଙ୍କ ବାସସ୍ଥଳୀ ବେଲଦ୍ୱାର ଗାଁ

- ପକ୍ଷୀଙ୍କ ସୁରକ୍ଷା ଲାଗି ଗ୍ରାମବାସୀଙ୍କ ନିବେଦନ
- ବର୍ଷା ଆଗମନର ଈଶାରା ଦିଅନ୍ତି ଗେଣ୍ଡାଳିଆ

**ନୂଆଗାଁ ୨୬।୧୦(ଡି.ଏନ.ଏ.)**

ନୟାଗଡ଼ ଜିଲା ନୂଆଗାଁ ବ୍ଲକ ବେରୁହାଁବାରି ପଞ୍ଚାୟତର ବେଲଦ୍ୱାର ଗାଁ। ସେହି ଗାଁ ଗେଣ୍ଡାଳିଆଙ୍କ ବାସସ୍ଥଳ ସାଜିଛି। ପ୍ରାକୃତିକ ପରିବେଶ ମଧ୍ୟରେ ଥିବା ଏହି ଗାଁକୁ ବର୍ଷର ଏକ ନିର୍ଦ୍ଦିଷ୍ଟ ସମୟରେ ହଜାର ହଜାର ଗେଣ୍ଡାଳିଆ ଆସି ଥାଆନ୍ତି। ଗେଣ୍ଡାଳିଆଙ୍କ ସୁରକ୍ଷା ପାଇଁ ଗ୍ରାମବାସୀ ଅଣ୍ଟା ଭିଡ଼ିଛନ୍ତି ସତ ହେଲେ ଅର୍ଥ ଅଭାବରୁ ସେମାନଙ୍କ ପାଇଁ ବସା ତିଆରି କରିପାରୁ ନାହାନ୍ତି। ନୟାଗଡ଼ ବନଖଣ୍ଡ ଓଡ଼ଗାଁ ବନାଞ୍ଚଳ ଅଧୀନ ଏହି ଗାଁରେ ଗେଣ୍ଡାଳିଆମାନେ ଆସି ବିଭିନ୍ନ ଗଛ ଡ଼ାଳରେ ବସା ବାନ୍ଧି ରୁହନ୍ତି। ବର୍ଷାର ଆଗମନ ହେବା ଜାଣିବା ପରେ ଗେଣ୍ଡାଳିଆମାନେ ଏହି ଗାଁକୁ ଆସିଥାନ୍ତି ବୋଲି ଗ୍ରାମବାସୀ କହିଛନ୍ତି।

ପ୍ରାୟ ୨ଶହ ବର୍ଷ ହେବ ଗେଣ୍ଡାଳିଆମାନେ ଜ୍ୟେଷ୍ଠମାସ ପ୍ରାରମ୍ଭରେ ଆସି କାର୍ତ୍ତିକମାସରେ ଅନ୍ୟତ୍ର ଚାଲିଯାଆନ୍ତି। ଗେଣ୍ଡାଳିଆ ଗାଁର ବିଭିନ୍ନ ଗଛରେ ନିଜେ ବସା ତିଆରି କରି ବଂଶ ବିସ୍ତାର କରିଥାଆନ୍ତି। ଗେଣ୍ଡାଳିଆ ରହୁଥିବା ସ୍ଥାନରେ ରହିଛି ଏକ ବିଶାଳ ପୋଖରୀ। ପୋଖରୀ ଚାରିପଟେ ଆମ୍ବ, ବର ଏବଂ ବିଭିନ୍ନ ପ୍ରକାରର ବୃକ୍ଷ ରହିଛି। ଏହି ବୃକ୍ଷରେ ବସା ବାନ୍ଧି ଗେଣ୍ଡାଳିଆମାନେ ରହିଥାନ୍ତି। ସେମାନେ ଗେଣ୍ଡା ଖାଇବାକୁ ଭଲ ପାଆନ୍ତି ବୋଲି ସେମାନଙ୍କ ଏପରି ନାମକରଣ କରାଯାଇଛି ବୋଲି ଗ୍ରାମବାସୀ କହିଛନ୍ତି। ଗେଣ୍ଡାଳିଆମାନେ ଗାଁକୁ ଆସିବା ପରେ ବସା ତିଆରିରେ ଲାଗି ପଡ଼ନ୍ତି। ସେମାନେ ପାଖ କ୍ଷେତରୁ ଧାନ ଗଛ ଆଣି ବସା ତିଆରି କରିଥାନ୍ତି। ଏହାଦ୍ୱାରା ଚାଷୀଙ୍କ ଫସଲ ନଷ୍ଟ ହୋଇଥାଏ। ତଥାପି ଏଥିରେ ଗ୍ରାମବାସୀଙ୍କ ମନରେ ଦୁଃଖ ନ ଥାଏ। ପ୍ରତିବର୍ଷ ଗେଣ୍ଡାଳିଆ ଗାଁକୁ ଆସିବା ଜାଣିବା ପରେ ଶିକାରୀମାନେ ପଇଁତରା ମାରିଥାନ୍ତି। ହେଲେ ଗ୍ରାମବାସୀ ଶିକାରୀମାନଙ୍କୁ ଗେଣ୍ଡାଳିଆ ଶିକାର କରିବାକୁ ଦେଇ ନ ଥାନ୍ତି। ଗୋଟିଏ ଗଛରେ ଶତାଧିକ ଗେଣ୍ଡାଳିଆ ବସା ବାନ୍ଧି ରୁହନ୍ତି। ଏହାଦ୍ୱାରା ଅଣ୍ଡା ତଳେ ପଡି ନଷ୍ଟ ହୋଇଥାଏ ଓ ଅଧିକାଂଶ ପକ୍ଷୀ ଶାବକ ତଳେ ପଡି ପ୍ରାଣହରାଇଥାନ୍ତି ବୋଲି ଗ୍ରାମବାସୀ କୁହନ୍ତି। ବନ ବିଭାଗ ପକ୍ଷରୁ ଗେଣ୍ଡାଳିଆଙ୍କ ପାଇଁ ବସା ତିଆରି କରିବା ସହିତ ଏହି ଅଞ୍ଚଳକୁ ସ୍ୱତନ୍ତ୍ର ଦୃଷ୍ଟି ଦେବା ପାଇଁ ଗ୍ରାମର ପ୍ରଫୁଲ ଡାକୁଆ, ପଞ୍ଚୁ ଜାନୀ, ବିଦ୍ୟାଧର ଡାକୁଆ, ଯୁଗଳ ଜାନୀ , ଯୁବରାଜ ଜାନୀ ପ୍ରମୁଖ ଦାବି କରିଛନ୍ତି ।



ଗଛରେ ବସାବାନ୍ଧି ରହିଥିବା ଗେଣ୍ଡାଳିଆ ।

# ଚୂଡ଼ାନ୍ତ ସଂରକ୍ଷଣ ତାଲିକା ପ୍ରକାଶ ପାଇଲା

**ନୟାଗଡ଼ ଅଫିସ,୨୬।୧୦**

୨୦୨୨ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ନିମନ୍ତେ ମଙ୍ଗଳବାର ନୟାଗଡ଼ ଜିଲା ପ୍ରଶାସନ ପକ୍ଷରୁ ଚୂଡ଼ାନ୍ତ ସଂରକ୍ଷଣ ଚିଠା ତାଲିକା ପ୍ରକାଶ ପାଇଛି। ବ୍ଲକ ଚେୟାରମ୍ୟାନ ପଦବୀରେ ଚିଠା ସଂରକ୍ଷଣ ଯାହାଥିଲା ତାହା ରହିଛି। ଅନ୍ୟପକ୍ଷେ ନୟାଗଡ଼ ବ୍ଲକର ସରପଞ୍ଚ ଓ ସମିତି ସଭ୍ୟ ସଂରକ୍ଷଣରେ କିଛିଟା ପରିବର୍ତ୍ତନ ହୋଇଛି। ଅନ୍ୟ ବ୍ଲକରେ ଆଦୌ ପରିବର୍ତ୍ତନ ହୋଇନାହିଁ।

ନୟାଗଡ଼ ବ୍ଲକର ୨୯ ପଞ୍ଚାୟତ ମଧ୍ୟରୁ ସରପଞ୍ଚ ସଂରକ୍ଷଣ ତାଲିକାରେ ନୟାଗଡ଼ ବ୍ଲକର ଇକିରି, କାଳିକାପ୍ରସାଦ, ଖୁଣ୍ଟୁବନ୍ଧ, ନାଟୁଗାଁ, ବଡପଣ୍ଟସର, ବାଉଁଶିଆପଡା, ଭାଟସାହି, ଶରଧାପୁର ଓ ଲକ୍ଷ୍ମୀପ୍ରସାଦ ଆଦି ୯ ପଞ୍ଚାୟତ ମହିଳାଙ୍କ ପାଇଁ ସଂରକ୍ଷଣ ରହିଛି। ସେହିପରି ପଛୁଆବର୍ଗ ମହିଳାଙ୍କ ପାଇଁ ଗମ୍ଭାରିଡିହି, ଘଡୁଆଳ, ଚଣ୍ଡିବସ୍ତ, ମୁଥାଗାଡିଆ ପ୍ରଭୃତି ୪ ପଞ୍ଚାୟତ ଅନୁରୂପ ଭାବେ ସଂରକ୍ଷିତ। ପୁଣି ଅନୁସୂଚିତ ଜାତି ମହିଳାଙ୍କ ପାଇଁ ବାଲୁଗାଁ ଓ ମାଛିପଡା ଆଦି ୨ ପଞ୍ଚାୟତ ସଂରକ୍ଷିତ ରହିଛି। ଅନ୍ୟପକ୍ଷେ କେନ୍ଦୁଡ଼ିପ ପଞ୍ଚାୟତ ଅନୁସୂଚିତ ଜାତି ପାଇଁ ସଂରକ୍ଷଣ ଥିବାବେଳେ ପଛୁଆବର୍ଗ ପାଇଁ ଗଦାଧରପ୍ରସାଦ, ଚମ୍ପତିପୁର ଓ ଜେମାଦେଇପୁର ପାଟଣା ସଂରକ୍ଷିତ ଅଛି। ସେହିଭଳି ଇଟାମାଟି, କ୍ରୀଦାଶପୁର, ନଡିଆଳି, ନବଘନପୁର, ନୋଉର, ବିରୁଡା, ଶରଣକୁଳ(ଜହ୍ନିପଦା), ସିନ୍ଧୁରିଆ, ଲାଠିପଡା, ଲେଙ୍କୁଡିପଡା ଅସଂରକ୍ଷିତ ପଞ୍ଚାୟତ ରହିଛି। ବ୍ଲକର ୨୯ ପଞ୍ଚାୟତର ସମିତି ସଭ୍ୟ ପାଇଁ ଇକିରି, କାଳିକାପ୍ରସାଦ, କ୍ରୀଦାଶପୁର, ଘଡୁଆଳ, ନଡିଆଳି, ଶରଧାପୁର, ସିନ୍ଧୁରିଆ, ଲାଠିପଡା ପଭୃତି ୮ ପଞ୍ଚାୟତ ମହିଳାଙ୍କ ପାଇଁ ସଂରକ୍ଷଣ ଅଛି।

ପୁଣି ଅନୁସୂଚିତ ଜାତି ମହିଳାଙ୍କ ପାଇଁ କେନ୍ଦୁଡ଼ିପି ଓ ବାଲୁଗାଁ ଏବଂ ଅନୁସୂଚିତ ଜନଜାତି ମହିଳାଙ୍କ ପାଇଁ ବିରୁଡା ପଞ୍ଚାୟତ ସଂରକ୍ଷିତ ରହିଛି। ପଛୁଆବର୍ଗ ମହିଳାଙ୍କ ପାଇଁ ଚଣ୍ଡିବସ୍ତ, ନାଟୁଗାଁ, ବଡପଣ୍ଟସର, ବାଉଁଶିଆପଡା ପାଇଁ ସଂରକ୍ଷିତ ଅଛି। ସେହିଭଳି ପଛୁଆବର୍ଗଙ୍କ ପାଇଁ ନବଘନପୁର, ମୁଥାଗାଡିଆ ଓ ନୋଉର ଏବଂ ଅନୁସୂଚିତ ଜାତିଙ୍କ ପାଇଁ ମାଛିପଡା ପଞ୍ଚାୟତ ସଂରକ୍ଷଣ କରାଯାଇଛି। ତେବେ ଇଟାମାଟି, ଖୁଣ୍ଟୁବନ୍ଧ, ଗଦାଧରପ୍ରସାଦ, ଗମ୍ଭାରିଡିହି, ଚମ୍ପତିପୁର, ଜେମାଦେଇପୁର ପାଟଣା, ଭାଟସାହି, ଶରଣକୁଳ(ଜହ୍ନିପଦା) ଲକ୍ଷ୍ମୀପ୍ରସାଦ ଓ ଲେଙ୍କୁଡିପଡା ଅସଂରକ୍ଷିତ ରହିଛି ବୋଲି ଜିଲା ପଞ୍ଚାୟତ ଅଧିକାରୀ ରତିକାନ୍ତ ଆଚାର୍ଯ୍ୟ ସୂଚନା ଦେଇଛନ୍ତି।

## ଶହୀଦଙ୍କ ନାଁରେ ହେଲା ଟିଟ୍ରାପଙ୍ଗା-ତିଳକପଡା ରାସ୍ତା

**ଖଜୁରିପଡ଼ା/ବଲସକୁମ୍ପା,୨୫।୧୦ (ଡି.ଏନ.ଏ.)**

କନ୍ଧମାଳ ଜିଲାର ସୁରକ୍ଷା ପାଇଁ ଶହୀଦ ହୋଇଥିବା ବୀର ପୁତ୍ରମାନଙ୍କ ସ୍ମୃତିକୁ ମନେ ରଖିବା ପାଇଁ ସରକାରଙ୍କ ତରଫରୁ ଶହୀଦ ସପ୍ତାହ ପାଳନ କରାଯାଉଛି। ଏହି ପରିପ୍ରେକ୍ଷୀରେ ଖଜୁରିପଡ଼ା ବ୍ଲକ ଅନ୍ତର୍ଗତ ଟିଟ୍ରାପଙ୍ଗା ଗାଁର ସ୍ୱର୍ଗତ କଣ୍ଟେଶ୍ୱର ଜାନିଙ୍କ ବୀର ପୁତ୍ର ଶହୀଦ ଉମାକାନ୍ତ ଜାନିଙ୍କ ଫୋଟରେ ପୁଷ୍ପମାଲ୍ୟର୍ପଣ ସହିତ ଶ୍ରଦ୍ଧାଞ୍ଜଳି ଦିଆଯାଇଥିଲା। ତା'ପରେ ଟିଟ୍ରାପଙ୍ଗା ଛକଠାରୁ ତିଳକପଡ଼ା ଛକକୁ ସଂଯୋଗ ହୋଇଥିବା ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନା ରାସ୍ତାକୁ ଶହୀଦ ଉମାକାନ୍ତ ମାର୍ଗ ନାମରେ ସରକାର ଘୋଷଣା କରିଛନ୍ତି ବୋଲି ପୋଲିସ ବିଭାଗର ଅତିରିକ୍ତ ଆରକ୍ଷୀ ଅଧିକାରୀ ବିପିନ ବିହାରୀ ବେହେରା ଅଭିଭାଷଣରେ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ବିଡିଓ ରବୀନ୍ଦ୍ରନାଥ କହଁର, ଅଧକ୍ଷ ବୀରେନ୍ଦ୍ର କୁମାର କହଁର, ଜିପିଓ ସୋନମ୍ ବେହେରା, ଖଜୁରିପଡ଼ା ପୋଲିସ ସରପଞ୍ଚ ବ୍ରହ୍ମା ନନ୍ଦ ଦିଗାଲ, ସମିତିସଭ୍ୟ ମୋନିସା ଦିଗାଲଙ୍କ ସହିତ ଶହୀଦ ଉମାକାନ୍ତଙ୍କ ସ୍ତ୍ରୀ ସୁଧା ମଞ୍ଜରୀ ମଲ୍ଲିକ ଓ ପରିବାର ବର୍ଗ ଉପସ୍ଥିତ ଥିଲେ।

# ଲଘୁଚାପ ବର୍ଷାରେ ୩ ପରିବାର ଘର ଭାଙ୍ଗିଲା

**ଖଜୁରିପଡ଼ା/ବଲସକୁମ୍ପା, ୨୬।୧୦(ଡି.ଏନ.ଏ.)**

ଗତ ୧୧ ତାରିଖରୁ ୧୪ ତାରିଖ ପର୍ଯ୍ୟନ୍ତ ହୋଇଥିବା ଲଘୁଚାପ ଜନିତ ଲଗାଣ ବର୍ଷା ଯୋଗୁ ଗୃହପାଳିତ ପ୍ରାଣୀ ଏବଂ ଜନ ଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଥିଲା । ସେହି ସମୟରେ ଖଜୁରିପଡ଼ା ବ୍ଲକ ଅନ୍ତର୍ଗତ ନୂଆଗାଁ ପଞ୍ଚାୟତର ରଣ ପାଟୁଲି ଗାଁରେ ଲଗାଣ ବର୍ଷା ଯୋଗୁ ଶେଷଦେବ ଭୋଇ, ବିରୂପାକ୍ଷ ପ୍ରଧାନ, ରାଜେନ୍ଦ୍ର ପ୍ରଧାନଙ୍କ ଘର ସମ୍ପୂର୍ଣ ଭାବେ ଭାଙ୍ଗି ଯାଇଛି ଏବଂ ସେମାନଙ୍କ ପରିବାର ସମ୍ପୂର୍ଣ୍ଣ ରୂପେ ବେସାହରା ହୋଇଯାଇଛନ୍ତି। ଏହି ସମସ୍ତେ ଦିନ ମଜୁରିଆ ଭାବେ ଗାଁ ଗଣ୍ଡାରେ କାମ କରି ପରିବାର ପ୍ରତିପୋଷଣ କରୁଥିଲେ। ମାତ୍ର ଲଘୁଚାପ ବର୍ଷା ଯୋଗୁ ଏମାନେ ରହୁଥିବା ଘର ସମ୍ପୂର୍ଣ୍ଣ ଭାବେ ଭାଙ୍ଗିଯିବାରୁ ବିରୂପାକ୍ଷଙ୍କ ପରିବାର ଗାଁ ଧର୍ମ ମଣ୍ଡପରେ ରହୁଥିବା ବେଳେ ଶେଷଦେବଙ୍କ ପରିବାର ପଲିଥିନ ଟଣା ଭଙ୍ଗା ଦଦରା ଘରେ ବିପଦ ସଙ୍କୁଳ ଅବସ୍ଥାରେ ରହୁଛନ୍ତି। ସେହିପରି ରାଜେନ୍ଦ୍ରଙ୍କ ପରିବାର ସେହି ଭଙ୍ଗା ଘରେ କର୍ମକୁ ଆଦରି ଜୀବନ ବିତାଉଛନ୍ତି ବୋଲି ଗଣମାଧମ ଆଗରେ ପ୍ରକାଶ କରିଛନ୍ତି। ଘର ଭାଙ୍ଗିଯିବା ଦିନ ଠୁଁ ଆଜି ଯାଏ କୌଣସି ସରକାରୀ ସହାୟତା ମିଳିନାହିଁ ବୋଲି କହିଛନ୍ତି। ତେଣୁ ବ୍ଲକ ଓ ଜିଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ଘର ଖଣ୍ଡେ ଯୋଗାଇଦେବାକୁ ସରକାରଙ୍କୁ ଅନୁରୋଧ କରିଛନ୍ତି।



ରାଜେନ୍ଦ୍ର ପ୍ରଧାନ ଓ ପରିବାର



ଶେଷଦେବ ଭୋଇ ଓ ପରିବାର



ବିରୂପାକ୍ଷ ପ୍ରଧାନ ଓ ପରିବାର।

# ୫-ଟି ରୂପାନ୍ତରଣ କାର୍ଯ୍ୟ ବୁଲି ଦେଖିଲେ ଜିଲାପାଳ

**ଛତ୍ରପୁର,୨୬।୧୦(ଡି.ଏନ.ଏ.)**

ଛତ୍ରପୁରସ୍ଥିତ ଅନ୍‌ସ୍ଲୋ ହାଇସ୍କୁଲରେ ଚାଲିଥିବା ୫ଟି- ରୂପାନ୍ତରିତ କାର୍ଯ୍ୟକୁ ମଙ୍ଗଳବାର ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଦେଖିବା ସହ ଏହାର ତଦାରଖ କରିଛନ୍ତି । ଲାଇବ୍ରେରି, ପାଇଖାନା, ବିଜ୍ଞାନାଗାର, ପିଇବା ପାଣି ସୁବ୍ୟସ୍ଥା ସହିତ ସ୍ମାର୍ଟ କ୍ଲାସ ରୁମ୍ କାର୍ଯ୍ୟକୁ ସମୀକ୍ଷା କରିଛନ୍ତି। ଚାଲିଥିବା ସମସ୍ତ ନିର୍ମାଣ କାର୍ଯ୍ୟ ନିର୍ଦ୍ଧାରିତ ସମୟ ମଧ୍ୟରେ ଶେଷ କରିବା ନିମନ୍ତେ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଜିଲାପାଳଙ୍କ ସହ ଛତ୍ରପୁର ବ୍ଲକ ଭାରପ୍ରାପ୍ତ ବିଡଓ ବିଶ୍ୱଜିତ ରାୟ, ନିର୍ବାହୀ ଯନ୍ତ୍ରୀ ଦିଗାମ୍ବର ନାୟକ, କନିଷ୍ଠ ଯନ୍ତ୍ରୀ ଚନ୍ଦ୍ରଶେଖର ଷଡଙ୍ଗୀ, ଛତ୍ରପୁର ଏନ୍‌ଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ ଏନ୍.ଗଣେଶ ବାବୁ, ସହକାରୀ ନିର୍ବାହୀ ଯନ୍ତ୍ରୀ ଅଶୋକ କୁମାର ବେହେରା, ଛତ୍ରପୁର ବିଇଓ ଅବିନାଶ ଶତପଥୀ, ଅନସ୍ଲୋ ହାଇସ୍କୁଲ ପ୍ରଧାନ ଶିକ୍ଷୟିତ୍ରୀ ବିଜୟ ଲକ୍ଷ୍ମୀ ପାଣିଗ୍ରାହୀ, ପରିଚାଳନା କମିଟି ସଭାପତି ଦିଲ୍ଲୀପ ସାମଲ, ପୁରାତନ ଛାତ୍ର ସଂଘ ସମ୍ପାଦକ ଶ୍ରୀକାନ୍ତ ମହାନ୍ତି, ଅରୁଣ କୁମାର ଶତପଥୀ, ଶିକ୍ଷକ ବାଉରୀ ବନ୍ଧୁ ପଣ୍ଡା ଓ ଶିକ୍ଷୟିତ୍ରୀ ଦେବସ୍ମିତା ମହାନ୍ତିଙ୍କ ସମେତ ହାଇସ୍କୁଲର ଅନ୍ୟାନ୍ୟ ଶିକ୍ଷକ ଉପସ୍ଥିତ ଥିଲେ। ପରେ ଜିଲାପାଳ ଚମାଖଣ୍ଡି ସ୍ଥିତ ଓଡିଶା ଆଦର୍ଶ ବିଦ୍ୟାଳୟ ଓ ନରେନ୍ଦ୍ରପୁର ହାଇସ୍କୁଲରେ ଚାଲିଥିବା ୫-ଟି ରୂପାନ୍ତରିତ କାର୍ଯ୍ୟକୁ ମଧ ବୁଲି ଦେଖିଥିଲେ। ଖଲ୍ଲିକୋଟ ଓ ଗଞ୍ଜାମ ବ୍ଲକରେ ମଧ ହାଇସ୍କୁଲରେ ଚାଲିଥିବା ୫ଟି- ରୂପାନ୍ତରିତ କାର୍ଯ୍ୟ ଜିଲାପାଳ ଦେଖିଛନ୍ତି।

## ଯୁବକଙ୍କୁ ଆକ୍ରମଣ ସହ ଲୁଟ୍ ମାମଲା, ୩ ଗିରଫ

**ଦିଗପହଣ୍ଡି,(ଡି.ଏନ.ଏ.)**

ଦିଗପହଣ୍ଡି ଥାନା ଘୋଡାହାଡ ଡ୍ୟାମ-ଖମାରି ଗାଁ ମୁଖ୍ୟ ରାସ୍ତାର ଦ୍ୱାରଗାଁ ବ୍ରିଜ ନିକଟରେ ଗତ ବୁଧବାର କୁମାର ପୂର୍ଣ୍ଣମୀ ବିଳମ୍ବିତ ରାତିରେ ଘଟିଥିଲା ରାହାଜାନୀ ଓ ଛିନ୍‌ତାଇ। ଚକାତେନ୍ତୁଳି ଗ୍ରାମରୁ ସତସଙ୍ଗ ସଙ୍କୀର୍ତ୍ତନ କାର୍ଯ୍ୟକ୍ରମ ସାରି ବାଇକ୍‌ରେ ଫେରୁଥିବା ନନ୍ଦ ଗାଁର ୩ ଯୁବକଙ୍କୁ ପ୍ରାୟ ୯ ଜଣ ଦୁର୍ବୃତ୍ତ ଖଣ୍ଡାରେ ଆକ୍ରମଣ ପରେ ବାଇକ ସହ ଟଙ୍କା ଲୁଟି ନେଇ ଫେରାର ହୋଇଯାଇଥିଲେ। ଏହି ମାମଲାରେ ମଙ୍ଗଳବାର ଦିଗପହଣ୍ଡି ପୋଲିସ ୩ ଅଭିଯୁକ୍ତଙ୍କୁ ନଂ. ୨୭୬/୨୧ ଅନୁଯାୟୀ କୋର୍ଟ ଚାଲାଣ କରିଛି। ଜାମିନ ଆବେଦନ ଖାରଜ ହେବାରୁ ଅଭିଯୁକ୍ତମାନଙ୍କୁ ଦିଗପହଣ୍ଡି ସବ୍ ଜେଲକୁ ପଠାଯାଇଛି। ଅଭିଯୁକ୍ତମାନଙ୍କ ନିକଟରୁ ୨ ଟି ବାଇକ, ଖଣ୍ଡା ଓ ମୋବାଇଲ ଫୋନ ଜବତ ହୋଇଛି। ଗିରଫ ଅଭିଯୁକ୍ତମାନେ ହେଲେ ଦିଗପହଣ୍ଡି ଥାନା ବଡଡୁମୁଲା ଗ୍ରାମର ଅଳୟ ଘଡ଼େଇ, କେ.ନୂଆଗାଁ ଥାନା ସାରୁ ସନ୍ଧି ଗାଁ ର ସନ୍ତୋଷ ପ୍ରଧାନ ଓ ପାଟପୁର ଥାନା ବ୍ରାହ୍ମଣପଙ୍କ ଗାଁ ର ସମ୍ମୁ ସେଠୀ।

# କଳମ୍ବରେ ଏସ୍‌ଏଚ୍‌ଜି ଗୃହକୁ ନେଇ ଉତ୍ତେଜନା

**ପୋଲସରା,୨୬।୧୦(ଡି.ଏନ.ଏ.)**

ପୋଲସରା ବ୍ଲକ କଳମ୍ବ ଗ୍ରାମର ମା ମଙ୍ଗଳା ସ୍ୱୟଂ ସହାୟିକା ଗୋଷ୍ଠୀ, ମା କନକଦୁର୍ଗା ସ୍ୱୟଂ ସହାୟିକା ଗୋଷ୍ଠୀ, ମା ମହାମାୟୀ ସ୍ୱୟଂ ସହାୟିକା ଗୋଷ୍ଠୀ ସମେତ ଅନେକ ସ୍ୱୟଂ ସହାୟିକା ଗୋଷ୍ଠୀର ସଭାନେତ୍ରୀ, ସମ୍ପାଦିକା, ଆଞ୍ଚଳିକ ମହାମଞ୍ଚର କୋଷାଧକ୍ଷ ସହ ଶତାଧିକ ମହିଳା ସଦସ୍ୟା କଳମ୍ବ ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ମଙ୍ଗଳବାର ବିକ୍ଷୋଭ କରିଥିଲେ। ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ଗୃହ ନଥିବାରୁ ତୁରନ୍ତ ନିର୍ମାଣ କରିବା ଲାଗି ମହିଳାମାନେ ଏକତ୍ରିତ ହୋଇ ହୋହାଲ୍ଲା କରିଥିଲେ। ଏଥିସହ ବିଡିଓ ସୁରଞ୍ଜନ ସାହୁଙ୍କୁ ଅନୁପସ୍ଥିତ ଥିବାରୁ ଅତିରିକ୍ତ ବିଡିଓ ଧର୍ମରାଜ ପରିଡାଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଥିଲେ। ସୂଚନାଯୋଗ୍ୟ, ୨୦୧୮-୧୯ ଆର୍ଥିକ ବର୍ଷରେ ଆମ ଗାଁ ଆମ ବିକାଶ ଯୋଜନାରେ କଳମ୍ବ ଗ୍ରାମର ବିକାଶ ଲାଗି ୧୦ ପ୍ରକଳ୍ପ ଲାଗି ୨୫ଲକ୍ଷ ଟଙ୍କାର ବ୍ୟୟରେ ନିର୍ମାଣ ହେବାକୁ ଥିବା ପ୍ରକଳ୍ପଗୁଡିକର ଭିତ୍ତିପ୍ରସ୍ତର ସ୍ଥାପନ ହୋଇଥିଲା। ସେଥି ମଧ୍ୟରେ ସ୍ୱୟଂ ସହାୟିକା ଗୋଷ୍ଠୀ ଗୃହ ନିର୍ମାଣ ଲାଗି ମଧ ଅର୍ଥ ଆସିଥିଲା। କିନ୍ତୁ କଳମ୍ବ ଗ୍ରାମର କେଉଁଠାରେ ସେହି ଗୃହ ନିର୍ମାଣ କରାଯାଇଛି ତାହା ଖୋଜିଲେ ମିଳୁନାହିଁ ବୋଲି ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀର ସମ୍ପାଦିକା ସାବିତ୍ରୀ ସାହୁ, ଆଞ୍ଚଳିକ ମହାସଂଘର କୋଷାଧକ୍ଷ ସୁନିତା ସାହ ପ୍ରମୁଖ ପ୍ରକାଶ କରିଥିଲେ। ଯଦି କଳମ୍ବରେ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ଗୃହ ନିର୍ମାଣ କରାଯାଇଛି ତା'ହେଲେ ଆମକୁ ହସ୍ତାନ୍ତର କରାଯାଉ। ଏହା ନ ହେଲେ ଆନ୍ଦୋଳନ କରିବୁ ବୋଲି ଉପସ୍ଥିତ ମହିଳାମାନେ ପ୍ରକାଶ କରିଥିଲେ। ଜିଲାପାଳ ଏଥିଲାଗି ଦୃଷ୍ଟିଦେବା ପାଇଁ ମହିଳା ସ୍ୱୟଂ ସହାୟିକା ଗୋଷ୍ଠି ଦାବି କରିଛନ୍ତି। ଏ ନେଇ ବିଡିଓ ସାହୁଙ୍କୁ ପଚାରିବାରୁ ସେତେବେଳେ ମୁଁ ଏଠି ନଥିଲି। ଦୁଇ ବର୍ଷ ତଳର କଥା। ଆମ ଗାଁ ଆମ ବିକାଶରେ ୨ଲକ୍ଷ ବ୍ୟୟରେ ସ୍ୱୟଂ ସହାୟିକା ଗୋଷ୍ଠୀ ଗୃହ ନିର୍ମାଣ କରାଯାଇଛି।

# ଭଞ୍ଜନଗରରେ ପଲିଥିନ ଚଢ଼ାଉ ଜୋରଦାର

**ଭଞ୍ଜନଗର,୨୬।୧୦(ଡି.ଏନ୍.ଏ.)**

ଭଞ୍ଜନଗର ସହରର ବିପର୍ଯ୍ୟସ୍ତ ପରିମଳ ବ୍ୟବସ୍ଥା ଏବଂ ପଲିଥିନ ବ୍ୟବହାର ବୃଦ୍ଧି ନେଇ ଗତ ୧୮ ତାରିଖରେ ଧରିତ୍ରୀରେ ଏକ ଖବର ପ୍ରକାଶ ପାଇଥିଲା। ମଙ୍ଗଳବାର ଏନ୍‌ଏସି ପକ୍ଷରୁ ବେନିୟମ ଭାବେ ପଲିଥିନ ବ୍ୟବହାର କରୁଥିବା ବିଭିନ୍ନ ବାଣିଜ୍ୟିକ ପ୍ରତିଷ୍ଠାନଗୁଡିକରେ ଚଢାଉ କରାଯାଇ ୫ କେଜି ପଲିଥିନ ଜବତ କରାଯାଇଛି। ଏନେଇ ଏକାଧିକ ବ୍ୟବସାୟୀଙ୍କ ଉପରେ ଜରିମାନା ହୋଇଛି । ଆଗାମୀ ଦିନରେ ଏହି ଚଢାଉ ଜୋରଦାର କରାଯିବ। ବ୍ୟବସାୟୀଙ୍କ ଉପରେ ମଧ କଡା କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଏନ୍‌ଏସି ପକ୍ଷରୁ କୁହାଯାଇଛି। ଏନ୍‌ଏସି କର୍ମଚାରୀ ଦିଲୀପ ସ୍ୱାଇଁଙ୍କ ନେତୃତ୍ୱରେ ଏହି ଚଢାଉ ହୋଇଥିଲା। ଅପରପକ୍ଷେ ସହରର ୫୦ ପ୍ରତିଶରୁ ଊର୍ଦ୍ଧ୍ୱ ଶୃଙ୍ଖଳା ଆବର୍ଜନା କଲେଜ ରୋଡ ଜାତୀୟ ରାଜପଥ କଡରେ ପକାଯାଉଛି। ଗତ ଡିସେମ୍ବରରୁ ବର୍ଜ୍ୟବସ୍ତୁ ପରିଚାଳନା ପ୍ଲାଣ୍ଟ ଉଦ୍‌ଘାଟନ ହୋଇଥିଲେ ମଧ ସେଥିରେ କେବଳ ଓଦା ବର୍ଜ୍ୟବସ୍ତୁକୁ ବ୍ୟବହାର କରାଯାଇ ଖତ ପ୍ରସ୍ତୁତ ହେଉଛି। ଶୃଙ୍ଖଳା ଆବର୍ଜନା କୌଣସି ପ୍ଲାଣ୍ଟକୁ ବିକ୍ରି କରାଯିବା ବଦଳରେ ତାହା ରାସ୍ତା କଡରେ ଫୋପାଡି ଦିଆଯାଉଛି। ଏହି ବାଟଦେଇ ଯାଉଥିବା ଲୋକେ ଗନ୍ଧ ଯୋଗୁ ଅସନ୍ତୋଷ ବ୍ୟକ୍ତ କରୁଛନ୍ତି। ଏନେଇ ନିର୍ବାହୀ ଅଧିକାରୀଙ୍କୁ ବାରମ୍ବାର ସମସ୍ୟା ସମ୍ପର୍କରେ ଲୋକେ ଜଣାଇଥିଲେ ମଧ କୌଣସି ସୁଫଳ ମିଳୁନାହିଁ। ଏନେଇ ଭେଜିପୁଟ ବାସିନ୍ଦା ପ୍ରେମଜିତ ପଟ୍ଟନାୟକ କହିଛନ୍ତି, ଏନ୍‌ଏସି ପ୍ରଶାସନ ଲୋକଙ୍କ ସହ ଖେଳୁଛନ୍ତି। ବିପର୍ଯ୍ୟସ୍ତ ପରିମଳ ବ୍ୟବସ୍ଥା ନ ସୁଧୁରିଲେ ଲୋକେ ଆଗାମୀ ଦିନରେ ରାଜରାସ୍ତାକୁ ଓହ୍ଲାଇବେ।

## ଜାତୀୟ ରାଜପଥ କଡରେ ବଢୁଛି ଆବର୍ଜନା



ପଲିଥିନ ଚଢାଉ ଚାଲିଛି।

